# ଆସୁଛି 'ଫନୀ' ଅଶାନ୍ତ ହେଉଛି ସମୁଦ୍ର

ଭୋଗରାଇ, ୨।୫(ଡି.ଏନ୍.ଏ.)


କୂଳ ଆଡ଼କୁ ଜୁଆର ମାଡ଼ିଆସୁଛି।

ଓଡ଼ିଶା ଉପକୂଳକୁ ମାଡ଼ି ଆସୁଛି ସାମୁଦ୍ରିକ ଝଡ଼ 'ଫନୀ'। ଏହାର ପ୍ରଭାବରେ ଅଶାନ୍ତ ହେଉଛି ସମୁଦ୍ର। ବାଲେଶ୍ୱର ଜିଲାର ସମୁଦ୍ର କୂଳବର୍ତ୍ତୀ ଲୋକଙ୍କ ମଧ୍ୟରେ ଛନକା ପଶିଯାଇଛି। ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର ଯୋଗେ ଘନ ଘନ ସତର୍କ ସୂଚନା ଦିଆଯାଉଛି। ଏଭଳି ସମୟରେ ଧାନ ଫସଲ ଅମଳକୁ ନେଇ ଚାଷୀ ଚିନ୍ତିତ ହୋଇପଡ଼ିଛନ୍ତି। ନଡ଼ାଛପର ଘରେ ରହୁଥିବା ଲୋକେ ପଲିଥିନ୍‌କୁ ରସିରେ ବାନ୍ଧି ଘରକୁ ସୁରକ୍ଷା ଦେବାକୁ ଉଦ୍ୟମ ଚଳାଇଛନ୍ତି। ଅନ୍ୟ କେତେକେ ବାତ୍ୟା ଆଶ୍ରୟସ୍ଥଳ, ସ୍କୁଲଗୃହ ଓ ଅଙ୍ଗନୱାଡି କେନ୍ଦ୍ରରେ ଆଶ୍ରୟ ନେବାକୁ ପ୍ରସ୍ତୁତ ହେଉଛନ୍ତି।

ବାଲେଶ୍ୱର ଜିଲାର ଭୋଗରାଇ ବ୍ଲକର ୫ଟି, ବାଲିଆପାଳ ବ୍ଲକର ୬ଟି, ବାଲେଶ୍ୱର ଚାନ୍ଦିପୁର ସମେତ ଅନ୍ୟାନ୍ୟ ୯ଟି, ରେମୁଣାର ୨ଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରେ ଉପକୂଳବାସୀ ତଳିଆ ଲୋକଙ୍କୁ ଚାଲିଯିବାକୁ ପ୍ରଶାସନ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ଦୀଘା, ଉଦୟପୁର, ତାଳସାରୀ, କୀର୍ତ୍ତନିଆ, ଚୌମୁଖ, ଡଗରା, ବାହାବଳପୁର, କଷାଫଳ ଆଦି ସ୍ଥାନରେ ମତ୍ସ୍ୟଜୀବୀଙ୍କୁ ସମୁଦ୍ରରୁ ମାଛ ମାରିବାକୁ ବାରଣ କରାଯାଇଛି। ଦୀଘା ସମୁଦ୍ରକୁ ନ ଯିବା ପାଇଁ ପୋଲିସ ପକ୍ଷରୁ ଡାକବାଜି ଯନ୍ତ୍ରରେ ପ୍ରଚାର କରାଯାଉଛି। ଦୀଘାରେ ୧୮ଶହ ହୋଟେଲରେ ଆନୁମାନିକ ୩୦ହଜାରରୁ ଉର୍ଦ୍ଧ୍ୱ ପର୍ଯ୍ୟଟକ ରହିଛନ୍ତି। ସମୁଦ୍ରର ୪ରୁ ୫ ଫୁଟ୍ ଉଚ୍ଚରେ ଢେଉ କୂଳ ଆଡ଼କୁ ମାଡ଼ି ଆସି ଦୀଘା–ତାଳସାରୀ–କୀର୍ତ୍ତନିଆ ସୁରକ୍ଷା ବନ୍ଧରେ ମାଡ଼ କରୁଛି। ଦୀଘାଠାରୁ ବାଲେଶ୍ୱର ଉପକୂଳରେ ସହସ୍ରାଧିକ ମାଛଧରା ଡଙ୍ଗା କୂଳରେ ଲାଗିଛି। ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ଭୋଗରାଇ, ବାଲିଆପାଳରେ ଏନ୍‌ଡିଆର୍‌ଏଫ୍, ଓଡ୍ରାଫ୍ ଟିମ୍, ପୋଲିସ ବାହିନୀ ଓ କେନ୍ଦ୍ରୀୟ ବାହିନୀକୁ ସଜାଗ ରଖାଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଜିଲା ଏବଂ ବ୍ଲକ ପ୍ରଶାସନ ପକ୍ଷରୁ ଲୋକଙ୍କୁ ସୁରକ୍ଷିତ ପାଇଁ ମାଗଣା ଭୋଜନ, ସ୍ୱାସ୍ଥ୍ୟସେବା ଓ ଜରୁରିକାଳୀନ ସେବା ଅବ୍ୟାହତ ରହି ଥିବାବେଳେ କୌଣସି ଗୁଜବରେ ବିଶ୍ୱାସ ନ କରି ପ୍ରଶାସନର ସାହାଯ୍ୟ ପାଇଁ ଜନସାଧାରଣଙ୍କୁ କୁହାଯାଇଛି।

## ୫୮, ୪୯୩ ଲୋକ ସ୍ଥାନାନ୍ତରିତ

**ବାଲେଶ୍ୱର ଅଫିସ, ୨।୫:** ବାଲେଶ୍ୱର ଜିଲାରେ ରହିଥିବା ୧୪୦ଟି ବହୁମୁଖୀ ଆଶ୍ରୟସ୍ଥଳରେ ଭୋଗରାଇ ବ୍ଲକର ୫ଟି, ବାଲିଆପାଳର ୬ଟି, ବାଲେଶ୍ୱରର ୯ଟି, ବାହାନଗାର ୪ ଏବଂ ରେମୁଣାର ୩ଟି ପଞ୍ଚାୟତର ୫୮ହଜାର ୪୯୩ ଲୋକଙ୍କୁ ସ୍ଥାନାନ୍ତରିତ କରାଯାଇଛି। ଏଥିସହିତ ହଜାର ହଜାର ଗୋସମ୍ପଦ ଏବଂ ଗୃହପାଳିତ ପ୍ରାଣୀଙ୍କୁ ମଧ୍ୟ ସୁରକ୍ଷିତ ସ୍ଥାନରେ ପହଞ୍ଚାଯାଇଛି। ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ରରେ ଲୋକମାନଙ୍କୁ ଅବଗତ କରାଯିବା ସହ ଆଶ୍ରିତମାନଙ୍କୁ ଭୋଜନ, ପାନୀୟଜଳ ଯୋଗାଣ, ବିଜୁଳି, ଅତ୍ୟାବଶ୍ୟକ ଔଷଧ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଛି। ସ୍କୁଲ, ଅଙ୍ଗନୱାଡ଼ି ଖୋଲା ରଖି ଆଶ୍ରୟ ନେଇଥିବା ଶରଣାର୍ଥୀଙ୍କୁ ସହଯୋଗ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଜିଲାରେ ଥିବା ଓଡ୍ରାଫ, ଏନଡିଆରଏଫ୍ ଟିମ୍‌ଗୁଡିକ ଅଗ୍ନିଶମ ବିଭାଗ ସହ ସମନ୍ୱୟ ରକ୍ଷା କରି ବିଭିନ୍ନ ଟିମ୍‌ରେ ବିଭକ୍ତ ହୋଇ ବିଭିନ୍ନ ସ୍ଥାନରେ ମୁତୟନ ହେବେ ବୋଲି ଜିଲାପାଳ ରମେଶ ଚନ୍ଦ୍ର ରାଉତ ପ୍ରକାଶ କରିଛନ୍ତି।

## ଯୋଗାଣ ବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତି

ବାଲେଶ୍ୱର ସମୁଦ୍ର ଉପକୂଳରେ ଥିବା ଭୋଗରାଇ, ବାଲିଆପାଳ, ବାଲେଶ୍ୱର ସଦର, ରେମୁଣା, ବାହାନଗା ବ୍ଲକ ତଥା ପୌରାଞ୍ଚଳର 'ଫନୀ'କୁ ମୁକାବିଲା କରିବା ପାଇଁ ଜିଲା ଯୋଗାଣ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ପ୍ରତି ବ୍ଲକରେ ୧୫ କୁଇଣ୍ଟାଲ ଚୁଡ଼ା, ୧ କୁଇଣ୍ଟାଲ ଗୁଡ଼, ୪ ହଜାର ପିସ୍ କ୍ୟାଣ୍ଡେଲ୍, ୨୦ ପ୍ୟାକେଟ୍ ଦିଆସିଲି ମହଜୁଦ ରଖିବା ସହ ନିକଟସ୍ଥ ଯୋଗାଣ ବିଭାଗ ଗୋଦାମ ଘର ଏବଂ ଖାଉଟି କେନ୍ଦ୍ରରେ ଆବଶ୍ୟକ ପରିମାଣରେ ଚାଉଳ ସଂରକ୍ଷିତ ରଖାଯାଇଛି। ଏହାପରେ ମଧ୍ୟ ଜିଲା ଜରୁରୀକାଳୀନ ବିଭାଗର ନିର୍ଦ୍ଦେଶରେ ସମସ୍ତ ପଦାର୍ଥ ଯୋଗାଇ ଦିଆଯିବ ବୋଲି ଜିଲା ସହକାରୀ ଯୋଗାଣ ବିଭାଗ ଅଧିକାରୀ ଅଜୟ ମଲ୍ଲିକ ପ୍ରକାଶ କରିଛନ୍ତି।

## ମୁକାବିଲା ଲାଗି ପ୍ରଶାସନ ତତ୍ପର


ପ୍ରଶାସନର ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀ।

ବାଲେଶ୍ୱର ଅଫିସ, ୨।୫

ସମ୍ଭାବ୍ୟ ବାତ୍ୟା ଫନୀର ମୁକାବିଲା ନେଇ ବୁଧବାର ଅପରାହ୍ନରେ ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ତରଫରୁ ନିଯୁକ୍ତ ବରିଷ୍ଠ ପ୍ରଶାସକ ତଥା ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରେମଚନ୍ଦ ଚୌଧୁରୀ ଜିଲା ଜରୁରିକାଳୀନ କାର୍ଯ୍ୟାଳୟ ତରଫରୁ କି ପ୍ରକାର ପ୍ରସ୍ତୁତି କରାଯାଇଛି ତା'ର ସମୀକ୍ଷା କରିଥିଲେ। ଜିଲାରେ ରହିଥିବା ୧୪୦ଟି ବହୁମୁଖୀ ଆଶ୍ରୟସ୍ଥଳକୁ ପ୍ରସ୍ତୁତ କରାଯାଇଥିବା ସୂଚନା ଦିଆଯାଇଥିଲା। ବିଶେଷଭାବେ ତଳୁଆ ଅଞ୍ଚଳରେ ଥିବା ବାତ୍ୟାପ୍ରବଣ ୬୩ ଗ୍ରାମର ୧ଲକ୍ଷ ୪୮ହଜାର ୭୫୯ଜଣ ଲୋକଙ୍କୁ ଏସବୁ ଆଶ୍ରୟସ୍ଥଳୀକୁ ଅସ୍ଥାୟୀ ଭାବେ ସ୍ଥାନାନ୍ତର କରାଯିବ ବୋଲି କୁହାଯାଇଥିଲା।

ଭୋଗରାଇ ବ୍ଲକର ୫, ବାଲିଆପାଳର ୬, ବାଲେଶ୍ୱରର ୯, ବାହାନଗାର ୪ ଏବଂ ରେମୁଣାର ୩ ପଞ୍ଚାୟତର ଲୋକଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ସ୍ଥାନାନ୍ତର ପାଇଁ ଡାକବାଜି ଯନ୍ତ୍ର ଯୋଗେ ବ୍ୟାପକ ପ୍ରଚାର କରାଯିବ। ଅସ୍ଥାୟୀ ଶିବିରରେ ରିଲିଫ କୋଡ୍ ପ୍ରକାରେ ଆଶ୍ରିତମାନଙ୍କୁ ଭୋଜନ, ପାନୀୟଜଳ ଯୋଗାଣ ଏବଂ ବିଜୁଳିର ବ୍ୟବସ୍ଥା କରାଯିବ। ସେହିପରି ଅତ୍ୟାବଶ୍ୟକ ଔଷଧପତ୍ର ଯୋଗାଣ କରାଯିବ। ଆସନ୍ନପ୍ରସବାମାନଙ୍କୁ ଆଗୁଆ ନିକଟସ୍ଥ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକରେ ଭର୍ତ୍ତି କରାଯିବା ଉପରେ ଗୁରୁତ୍ୱ ଦିଆଯାଇଛି। ଜିଲା ଶିକ୍ଷାଧିକାରୀ ସମସ୍ତ ସ୍କୁଲକୁ ଲୋକଙ୍କ ଆଶ୍ରୟ ନିମନ୍ତେ ଖୋଲା ରଖିବାକୁ ଏବଂ ଏଥିରେ ସହାୟତା ପାଇଁ ପ୍ରଧାନ ଶିକ୍ଷକମାନଙ୍କୁ ନିର୍ଦ୍ଦେଶ ଦେବାକୁ କୁହାଯାଇଛି। ଜିଲା ଯୋଗାଣ ଅଧିକାରୀଙ୍କୁ ବାତ୍ୟା ନିମନ୍ତେ ଚୁଡ଼ା, ଗୁଡ଼ ଆଦି ଶୁଖିଲା ଖାଦ୍ୟ ମହଜୁଦ କରି ବିଭିନ୍ନ ରିଟେଲ କେନ୍ଦ୍ରରେ ଉପଲବ୍ଧ କରିବା, ସେହିପରି କିରୋସିନ ମଧ୍ୟ ଉପଲବ୍ଧ ରଖିବାକୁ କୁହାଯାଇଛି। ସମସ୍ତ ଆଶ୍ରୟସ୍ଥଳର କର୍ମକର୍ତ୍ତାମାନଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲାପାଳ ରମେଶ ଚନ୍ଦ୍ର ରାଉତ, ଅତିରିକ୍ତ ଜିଲାପାଳ ସମ୍ବିତ ନାୟକ, ଜିଲା ପ୍ରକଳ୍ପ ଅଧିକାରୀ ତ୍ରିଲୋଚନ ପ୍ରଧାନ, ଉପଜିଲାପାଳ ନୀଲୁ ମହାପାତ୍ର, ନୀଳଗିରି ଉପଜିଲାପାଳ ବିଶାଲ ସିଂହଙ୍କ ସମେତ ସମସ୍ତ ବିଡିଓ, ତହସିଲଦାର, ଲାଇନ ଡିପାର୍ଟମେଣ୍ଟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

**ବସ୍ତା, ୨।୫(ସ୍ୱ.ପ୍ର.):** 'ଫନୀ' ମୁକାବିଲା ପାଇଁ ବସ୍ତା ବ୍ଲକରେ ବିଡିଓ କୁକୁମିନା ଦାସଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ତହସିଲଦାର ନରେନ୍ଦ୍ର ଖମାରୀ, ଅତିରିକ୍ତ ତହସିଲଦାର ମୋହିନୀଚରଣ ନାୟକ, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ଦାସ, ବିଇଓ ପ୍ରୀତୀତନୟା ଗିରି, ଏବିଡିଓ ଅଜୟ କୁମାର ଦେହୁରୀ, ଆଇଆଇସି ଧନେଶ୍ୱର ସାହୁ, ଯୋଗାଣ ଅଧିକାରୀ ହେମକାନ୍ତ ବେହେରା ଯୋଗ ଦେଇଥିଲେ। ବସ୍ତା ବ୍ଲକରେ ଚୋରମରା, ପାଉଁଶକୁଲି, କଇନଗରୀ, ଜୁଣବଳଦାରେ ବାତ୍ୟା ଆଶ୍ରୟସ୍ଥଳୀ ରହିଛି। ବାତ୍ୟା ପୂର୍ବରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନେବା ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ କୁହାଯାଇଛି।

**ସୋର, ୨।୫(ଡି.ଏନ.ଏ.):** ସୋର ବିଡିଓ ଚାର୍ଲସ ନାୟକ, ତହସିଲଦାର ଦେବୀପ୍ରସାଦ ଦାଶ ଗୁରୁବାର ସକାଳେ ବ୍ଲକରେ ରହି ସମସ୍ତ କର୍ମଚାରୀଙ୍କୁ ମହାବାତ୍ୟାର ମୁକାବିଲା ପାଇଁ ଘନ ଘନ ତାଗିଦ୍ କରୁଥିବା ଦେଖିବାକୁ ମିଳୁଛି। ଅନନ୍ତପୁର ପଞ୍ଚାୟତ ଅଧୀନ ବେଲପୁର, ପାଖର, ଟେଣ୍ଟଇ, ଗୁଡ୍‌ରେ ଥିବା ୪ଟି ବାତ୍ୟା ଆଶ୍ରୟସ୍ଥଳରେ ରନ୍ଧା ଖାଦ୍ୟ ସାମଗ୍ରୀ ସହ ଶୁଖିଲା ଖାଦ୍ୟ ବ୍ଲକ ଯୋଗାଣ ଅଧିକାରୀଙ୍କ ତତ୍ତ୍ୱାବଧାନରେ ମହଜୁଦ କରି ରଖିଛନ୍ତି। ଏଥିସହ ଆଲୋକ, ପାନୀୟଜଳ ସହ ସ୍ଥାନୀୟ ଅଞ୍ଚଳର ସ୍ୱେଚ୍ଛାସେବୀଙ୍କ ଯୋଗାଯୋଗରେ ଅଛନ୍ତି।

## ହେଲ୍ପଡେସ୍କ ଖୋଲିଲା ରେଳ ମନ୍ତ୍ରଣାଳୟ



ବାଲେଶ୍ୱର ରେଳଷ୍ଟେସନ ପରିସରରେ ଖୋଲାଯାଇଥିବା ହେଲ୍ପ ଡେସ୍କ।

ସମ୍ଭାବ୍ୟ ବାତ୍ୟା ଫନୀ ପାଇଁ ବାଲେଶ୍ୱର ରେଳଷ୍ଟେଶନ ପରିସରରେ ରେଳ ମନ୍ତ୍ରଣାଳୟ ପକ୍ଷରୁ ଗୁରୁବାର ହେଲ୍ପ ଡେସ୍କ ଖୋଲାଯାଇଛି। ଗୁରୁବାର ସନ୍ଧ୍ୟାରୁ ହାୱଡ଼ାରୁ ପୁରୀ ଏବଂ ହାୱଡ଼ାରୁ ଚେନ୍ନାଇ ଅଭିମୁଖେ ଯାଉଥିବା ୬୬ ଦ୍ରୁତଗାମୀ ଏବଂ ଅତିରିକ୍ତ ଦ୍ରୁତଗାମୀ ସମସ୍ତ ଟ୍ରେନ ବାତିଲ୍ କରାଯାଇଛି। ଲୋକାଲ ଟ୍ରେନ୍‌ଗୁଡ଼ିକ 'ଫନୀ'ର ପରିସ୍ଥିତି ଉପରେ ଅନୁଧ୍ୟାନ କରି ଚଳାଚଳ କିମ୍ବା ବାତିଲ୍ ନିର୍ଦ୍ଧାରଣ କରାଯିବ। ଏହି ଡେସ୍କ ମାଧ୍ୟମରେ ଟ୍ରେନ୍‌ର ଚଳାଚଳ ଏବଂ ବାତିଲ୍ ସମ୍ପର୍କରେ ଜାଣିହେବ। ଏହି ଫୋନ ନମ୍ବର ୦୬୭୮୨–୨୬୨୪୭୬ ରେ ଯାତ୍ରୀମାନେ ଅବଗତ ହୋଇପାରିବେ ବୋଲି ଷ୍ଟେଶନ ମ୍ୟାନେଜର ଭାଗବତ ଦାସ ସୂଚନା ଦେଇଛନ୍ତି। ମଣ୍ଡଳ ପରିଚାଳନା ନିରୀକ୍ଷକ ଆଶିଷ କୁମାର ଖୁଣ୍ଟିଆ, ଆର୍‌ପିଏଫ୍ ଆଇଆଇସି ଯଦୁନାଥ ମହାପାତ୍ର, ମୁଖ୍ୟ ଟିକେଟ ନିରୀକ୍ଷକ ଏସ୍.ଏସ୍. ଦାସ ପୂଝାରୀ ପ୍ରମୁଖ ଉପସ୍ଥିତ ଥିଲେ।



ବାଲେଶ୍ୱର ସହରର ଏକ ପେଟ୍ରୋଲ ପମ୍ପରେ ଲମ୍ବା ଧାଡ଼ି।

## ପେଟ୍ରୋଲ ପମ୍ପରେ ଭିଡ଼

'ଫନୀ' ମହାବାତ୍ୟା ଶୁକ୍ରବାର ପୂର୍ବାହ୍ନରେ ଓଡ଼ିଶା ଉପକୂଳ ଛୁଇଁବାର ସୂଚନା ମିଳିଛି। ଏହା ନଜରରେ ରଖି ଲୋକମାନେ ନିଜ ଯାନବାହନରେ ପେଟ୍ରୋଲ, ଡିଜେଲ ପକାଇବା ପାଇଁ ବିଭିନ୍ନ ପେଟ୍ରୋଲ ପମ୍ପରେ ଅସମ୍ଭାଳ ଭିଡ଼ ଜମାଇଛନ୍ତି।

## ଡାକବାଜି ଯନ୍ତ୍ର ଦ୍ୱାରା ସତର୍କ ସୂଚନା

ଔପଦା, ୨।୫(ଡି.ଏନ୍.ଏ.)

ଔପଦା ବ୍ଲକ ପ୍ରଶାସନ ତରଫରୁ ମହାବାତ୍ୟା 'ଫନୀ' ମୁକାବିଲା ପାଇଁ ସମ୍ଭାବ୍ୟ ପଦକ୍ଷେପ ଗ୍ରହଣ କରାଯାଇଛି। ଗୁରୁବାର ପ୍ରଶାସନ ତରଫରୁ ଡାକବାଜି ଯନ୍ତ୍ରରେ ପ୍ରତିଟି ପଞ୍ଚାୟତର ସବୁ ଗାଁରେ ମାଟି ଓ ନଡ଼ାଛପର ଘରେ ଲୋକେ ନ ରହି ବାତ୍ୟା ଆଶ୍ରୟସ୍ଥଳ ତଥା ନିକଟସ୍ଥ ସ୍କୁଲ ପକ୍କାଘରକୁ ଚାଲି ଆସିବାକୁ ଲୋକଙ୍କୁ ପରାମର୍ଶ ଦିଆଯାଇଛି। ସେଠାରେ ପ୍ରଶାସନ ତରଫରୁ ଖାଦ୍ୟ ପାନୀୟର ବ୍ୟବସ୍ଥା କରାଯାଇଥିବା ସୂଚନା ମିଳିଛି। ଔପଦା ତହସିଲ କାର୍ଯ୍ୟାଳୟରେ ତହସିଲଦାର ତଥା ବିଡିଓ ପୀତାମ୍ବର ଭୋଇ ବିଭାଗୀୟ କର୍ମକର୍ତ୍ତା ଓ କର୍ମଚାରୀମାନଙ୍କର ଜରୁରିକାଳୀନ ବୈଠକ ଡାକି ପରିସ୍ଥିତି ମୁକାବିଲା ପାଇଁ ବିଭିନ୍ନ ପଦକ୍ଷେପ ନେଇଛନ୍ତି। ଆଦିବାସୀ ଅଧ୍ୟୁଷିତ ଗଡ଼ସାହି ପଞ୍ଚାୟତର ପଣ୍ଡୁଆ ପଥରପଦାର ମାଙ୍କିଡ଼ିଆ ବସ୍ତି ତଳକିଆ ପଞ୍ଚାୟତର ପ୍ରତାପପୁର ହରିଜନସାହି ସମେତ ବିଭିନ୍ନ ପଞ୍ଚାୟତର ମାଟି ଛଣଛପର ଘର ଲୋକମାନଙ୍କୁ ସ୍ଥାନାନ୍ତରିତ କରିବା ସହ ନିରାପଦ ବାତ୍ୟା ଆଶ୍ରୟସ୍ଥଳକୁ ଅଣାଯିବାକୁ ପ୍ରଶାସନ ତରଫରୁ ପଦକ୍ଷେପ ନିଆଯାଉଛି ବୋଲି ସୂଚନା ମିଳିଛି।



'ଫନୀ' ଭୟରେ ଲୋକେ ମାର୍କେଟ୍‌ରୁ ପନିପରିବା କିଣୁଛନ୍ତି।

## ପନିପରିବା ଦର ବଢୁଛି

'ଫନୀ' ମହାବାତ୍ୟା ଭୟାବହ ରୂପ ନେଇପାରେ ବୋଲି ପାଣିପାଗ ବିଭାଗ ସୂଚନା ମିଳିବା ପରେ ଲୋକମାନେ ଅତ୍ୟାବଶ୍ୟକ ରାଶନ ଓ ପନିପରିବା ସଂଗ୍ରହ କରିବାରେ ଲାଗିପଡିଛନ୍ତି। ବ୍ୟବସାୟୀମାନେ ମଧ୍ୟ ଏହାର ସୁଯୋଗ ନେବାକୁ ହାତଛଡା କରୁନାହାନ୍ତି। ଧୀରେ ଧୀରେ ପରିବା ଦର ବୃଦ୍ଧି ହେବାରେ ଲାଗିଛି। ବାଇଗଣ, ବିଲାତି, ଭେଣ୍ଡି, ଜହ୍ନି, କାକୁଡ଼ି, କୋବି, ପୋଟଳ, ନାଡୁକା, କୁନ୍ଦୁରୀ, ଗାଜର, ବିଟ୍ ଆଦି ଦର ୧୦ଟଙ୍କାରୁ ଉର୍ଦ୍ଧ୍ୱ ବୃଦ୍ଧି ହୋଇଥିବା ଜଣାପଡ଼ିଛି।

## ତଳିଆ ଅଞ୍ଚଳବାସୀଙ୍କୁ ସ୍ଥାନାନ୍ତରିତ

**ବାହାନଗା, ୨।୫(ଡି.ଏନ.ଏ.):** ସାମୁଦ୍ରିକ ଝଡ଼ 'ଫନୀ' ବାତ୍ୟା ରୂପ ନେବା ପରେ ପ୍ରଶାସନ ତରଫରୁ ବାଲେଶ୍ୱର ଜିଲା ବାହାନଗା ବ୍ଲକର ସମୁଦ୍ର ଉପକୂଳବର୍ତ୍ତୀ ଗ୍ରାମର ଲୋକମାନଙ୍କୁ ସୁରକ୍ଷିତ ସ୍ଥାନରେ ରଖିବା ନିମନ୍ତେ ବ୍ୟବସ୍ଥା କରାଯାଇଛି। ବ୍ଲକର ୭ଟି ବହୁମୁଖି ବାତ୍ୟା ଆଶ୍ରୟସ୍ଥଳୀରେ ସମୁଦ୍ର କୂଳବର୍ତ୍ତୀ ତଳିଆ ଅଞ୍ଚଳରେ ରହୁଥିବା ୧୧ହଜାର ଲୋକମାନଙ୍କୁ ସ୍ଥାନାନ୍ତରିତ କରାଯାଇଛି। ବିଡିଓ ରବିନାରାୟଣ ଶତପଥି ଓ ଅତିରିକ୍ତ ତହସିଲଦାର ସଂଗ୍ରାମ କେଶରୀ ପରିଡା ଲୋକ ମାନଙ୍କୁ ରାତିରେ ଶୁଖିଲା ଖାଦ୍ୟ ଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି ।

## ଶହୀଦ ଜନକଲ୍ୟାଣ ପରିଷଦ ପକ୍ଷରୁ ସ୍ମୃତିସଭା

**ଖଇରା, ୨।୫(ଡି.ଏନ୍.ଏ.):** ଶହୀଦ ସ୍ମାରକ ଜନକଲ୍ୟାଣ ପରିଷଦର ସଭାପତି ଇଂ ବେଣୁଧର ପାଣିଗ୍ରାହୀଙ୍କ ପରଲୋକରେ ପରିଷଦ ପକ୍ଷରୁ ଏକ ସ୍ମୃତିସଭା ଗୁରୁବାର ତୁଡିଗଡିଆଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି ଉପେନ୍ଦ୍ର ପ୍ରସାଦ ପାଣିଗ୍ରାହୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିଷଦର ସମ୍ପାଦକ ଉପେନ୍ଦ୍ର ପ୍ରସାଦ ପାଢ଼ୀ, ସହ ସମ୍ପାଦକ ବସନ୍ତ କୁମାର ସାହୁ, କୋଷାଧ୍ୟକ୍ଷ ବିଷ୍ଣୁମୋହନ ଶତପଥୀ, ବରିଷ୍ଠ ସଭ୍ୟ ରାଧାକାନ୍ତ ପଣ୍ଡା ଓ ତୁଳସୀ ପରିଡ଼ା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପାଣିଗ୍ରାହୀଙ୍କ ବିଭିନ୍ନ ଗୁଣ ଉପରେ ଆଲୋକପାତ କରିଥିଲେ। ତାଙ୍କର ଦୃଢ଼ ଦାବି ଯୋଗୁ ରକ୍ତତୀର୍ଥ ତୁଡିଗଡିଆକୁ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ମିଳିଥିଲା। ସେହିଭଳି ଖଇରା ଅଞ୍ଚଳରୁ ନିଶା ହଟାଇବା ପାଇଁ ସେ ତାଙ୍କର ଅବିରତ ସଂଗ୍ରାମ ଜାରି ରଖିଥିଲେ। ଖଇରା ବ୍ଲକ ପ୍ରତ୍ୟେକ ସଙ୍ଗଠନ ପ୍ରତି ତାଙ୍କର ଭଲ ପାଇବା ରହିଥିଲା। ସଭାରେ ସ୍ଥାନୀୟ ନୀଳାମ୍ବର ହାଇସ୍କୁଲ ସମେତ ଅନ୍ୟାନ୍ୟ ସ୍କୁଲରୁ ଛାତ୍ରୀଛାତ୍ରମାନେ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ।

## ଟପ୍ପର ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଖଇରା, ୨।୫(ଡି.ଏନ.ଏ.)


ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଫକୀରମୋହନ ବିଶ୍ୱବିଦ୍ୟାଳୟ ଯୁକ୍ତ ୩ ପରୀକ୍ଷାରେ ଟପ୍ପର ହୋଇଥିବା ଖଇରା ବ୍ଲକର ୨ ଛାତ୍ରୀଙ୍କୁ ଜଳଙ୍ଗ ଚଣ୍ଡୀ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଗୁରୁବାର ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ମନ୍ଦିର ପରିସରରେ ଆୟୋଜିତ ସଭାରେ ଟ୍ରଷ୍ଟ ଅଧ୍ୟକ୍ଷ ପ୍ରଫୁଲ୍ଲ ସାହୁ ପୌରୋହିତ୍ୟ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରତ୍ନାକର ସାହୁ, ଅକ୍ଷୟ କୁମାର ଦାସ, ବନବିହାରୀ ରଣା, ନାରାୟଣ ଦାସ, ଶତ୍ରୁଘ୍ନ ଦାସ, ସୁଶାନ୍ତ ମହାପାତ୍ର ପ୍ରମୁଖ ଯୋଗଦେଇ ୨ ଛାତ୍ରୀଙ୍କ ପାଇଁ ଖଇରା ମାଟି ଗର୍ବିତ ବୋଲି କହିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନରେ ଟପ୍ପର ହୋଇଥିବା ଜମ୍ବେଶ୍ୱର ମହାବିଦ୍ୟାଳୟ ଛାତ୍ରୀ ହରପ୍ରିୟା ମହୁରୀ, ଓଡ଼ିଆରେ ଟପ୍ପର ହୋଇଥିବା ଖଇରା ମହାବିଦ୍ୟାଳୟ ଛାତ୍ରୀ ପୁଷ୍ପଲତା ନାୟକଙ୍କୁ ମା' ଚଣ୍ଡୀ ଠାକୁରାଣୀ ଟ୍ରଷ୍ଟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଉତ୍ସବରେ ହରପ୍ରିୟାଙ୍କ ବାପା ବାଞ୍ଛାନିଧି, ମା' ବାସନ୍ତୀ ଏବଂ ପୁଷ୍ପଲତାଙ୍କ ବାପା ମନୋରଞ୍ଜନ ଓ ମା' ମନୋରମାଙ୍କ ସମେତ ମନ୍ଦିର ଟ୍ରଷ୍ଟର ସମସ୍ତ କର୍ମକର୍ତ୍ତା, ସେବାୟତ ପ୍ରମୁଖ ଉପସ୍ଥିତ ଥିଲେ।

## ବିଭିନ୍ନ ସ୍ଥାନରେ ଶ୍ରମିକ ଦିବସ

**ସିମୁଳିଆ, ୨।୫(ଡି.ଏନ୍.ଏ.):** ସିଆଇଟିୟୁ ସିମୁଳିଆ ଶାଖା ମାର୍କୋଣା ପକ୍ଷରୁ ବୁଧବାର ସକାଳେ ୟୁନିୟନ ଅଫିସ ସମ୍ମୁଖରେ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଶ୍ରମିକ ନେତା ଦୀପକ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଲେବର ୟୁନିୟନର ସମ୍ପାଦକ ରାମଚନ୍ଦ୍ର ସିଂ, ଜଳନ୍ଧର ଯେନା, ବଟ ଯେନା, ମନୁ ସିଂ ଓ ମାନ ଦାସ ପ୍ରମୁଖ ଯୋଗଦେଇଥିଲେ।

## ବିଶ୍ୱ ଶ୍ରମିକ ଦିବସ

ବାଲେଶ୍ୱର ଅଫିସ, ୨।୫

ବାଲେଶ୍ୱର ଜିଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଖନ୍ତାପଡ଼ା ଡାକବଙ୍ଗଳାଠାରେ ବିଶ୍ୱ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବାଲେଶ୍ୱର ସ୍ଥାୟୀ ଲୋକ ଅଦାଲତ ଅଧ୍ୟକ୍ଷ ଅଜୟ କୁମାର ମହାନ୍ତି, ଅତିରିକ୍ତ ଜିଲା ଜଜ୍ ସୁବାସ କୁମାର ବେହାରୀ, ଜିଲା ଶ୍ରମ ଅଧିକାରୀ କୁବେର ବେହେରା, ଜିଲା ଆଇନସେବା ପ୍ରାଧିକରଣର ପାରାଲିଗାଲ ସ୍ୱେଚ୍ଛାସେବୀ ସତ୍ୟେନ୍ଦ୍ର ଉମାଶଙ୍କର ରାଉତ ଉପସ୍ଥିତ ରହି ଶ୍ରମିକମାନଙ୍କର ଅଧିକାର କିଭଳି ଭାବରେ ସୁରକ୍ଷିତ କରାଯାଇପାରିବ ଏବଂ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ସରକାରୀ ଯୋଜନାରୁ କିଭଳି ଭାବରେ ସେମାନେ ସୁଫଳ ପାଇପାରିବେ ସେ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଶତାଧିକ ଶ୍ରମିକ ଯୋଗଦେବା ସହିତ ଜିଲା ଆଇନସେବା ପ୍ରାଧିକରଣର ପାରାଲିଗାଲ ସ୍ୱେଚ୍ଛାସେବୀମାନେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲା ଆଇନସେବା ପ୍ରାଧିକରଣର ଭାରପ୍ରାପ୍ତ ସଚିବ ସର୍ବେଶ୍ୱର ଦାସ ପରିଚାଳନା କରିଥିଲେ।



ଅତିଥିମାନଙ୍କ ଦ୍ୱାରା ସାହିତ୍ୟ ପତ୍ରିକା 'ବକଚ' ଉନ୍ମୋଚନ କରାଯାଉଛି।

## ଜ୍ଞାନ, ଅନୁଭୂତିର ପ୍ରଚାର ହିଁ 'ସୁଫଳି'

ସିମୁଳିଆ, ୨।୫(ଡି.ଏନ.ଏ.)

ସିମୁଳିଆ ବ୍ଲକ ରତୁଙ୍ଗା ଅଞ୍ଚଳରେ ଏକ ସାହିତ୍ୟ ସଭା 'ସୁଫଳି' କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିମୁଳିଆ, ଭଦ୍ରକ ଓ ବାଲେଶ୍ୱର ଅଞ୍ଚଳର ବିଭିନ୍ନ ସାହିତ୍ୟିକ, କବି ଓ ଲେଖକ ଯୋଗଦେଇଥିଲେ। ସୋର ଅଞ୍ଚଳର ଖାଉଟି ସଚେତକ ତଥା ଶିକ୍ଷକ ନେତା ବିଜୟ କୁମାର କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ରୂପେ ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା କଥାକାର କୀର୍ତ୍ତନ ବିହାରୀ ଦାଶ ଯୋଗଦେଇ ଦରିଦ୍ରଠାରୁ ଦାରିଦ୍ର୍ୟ ମାନସିକତା ପ୍ରଗତିର ପ୍ରତିବନ୍ଧକ ହୋଇଥାଏ। ଜ୍ଞାନ ଓ ଅନୁଭୂତିର ପ୍ରଚାର ହିଁ ସୁଫଳି ବୋଲି ସେ କହିଥିଲେ। ସମ୍ମାନନୀୟ ଅତିଥି ରୂପେ ବରି ହାଇସ୍କୁଲ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଚତୁର୍ଭୁଜ ପାଣିଗ୍ରାହୀ ନିଜ ବକ୍ତବ୍ୟରେ ସାହିତ୍ୟ ଶାନ୍ତି ଖୋଜେ। ତେଣୁ ସାହିତ୍ୟ ସହରରେ ନୁହେଁ, ଗାଁରେ ରହିଛି ବୋଲି କହିଥିଲେ। ସେହିପରି ସଭାପତି ବିଜୟ କୁମାର କର ଯିଏ ଯେତେ ଝୁଣ୍ଟିଛି ସିଏ ସେତେ ମାର୍ଜିତ ବୋଲି କହିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ନାଟ୍ୟକାର ସାହିତ୍ୟିକ ମହେନ୍ଦ୍ର ପ୍ରସାଦ ବାରିକ, ଶିଶୁ ସାହିତ୍ୟିକ ଚକ୍ରଧର ବେହେରା, ବିଶିଷ୍ଟ ସାହିତ୍ୟିକ ଡ.ରଘୁନାଥ ମହାନ୍ତି, ପଦ୍ମଲୋଚନ ମହାକୁଡ, ମହେନ୍ଦ୍ର ନାଥ ମହାପାତ୍ର ପ୍ରମୁଖ ସାହିତ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ସାହିତ୍ୟ ପତ୍ରିକା 'ବକଚ' ଉନ୍ମୋଚିତ ହୋଇଥିଲା। ବରିଷ୍ଠ ନାଗରିକ ଶିବପ୍ରସାଦ ପାଢ଼ୀଙ୍କୁ ସମ୍ମାନିତ କରାଯାଇଥିଲା। କବିମାନେ ସ୍ୱରଚିତ କବିତାପାଠ କରିଥିଲେ। ଖାଉଟି ସଚେତକ ନୀଳାମ୍ବର ମିଶ୍ର ଓ କବି ସୁଧାକର ଦାସ ଉତ୍ସବର ଆୟୋଜକ ଥିଲେ। ଶିକ୍ଷକ ଗୟାଧର ବେହେରା ଓ ପ୍ରଫୁଲ୍ଲ କୁମାର ଗୋଚ୍ଛାୟତ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ପାଣି ଛାଡ଼ିଲା ହଦଗଡ଼ ଡ୍ୟାମ୍

ଭଦ୍ରକ ଅଫିସ, ୨।୫: ସାଳନ୍ଦୀ ଜଳସେଚନ ଡିଭିଜନ ଅଧୀନରେ ଥିବା ହଦଗଡ଼ ଡ୍ୟାମ୍ ଗୁରୁବାର ଅପରାହ୍ନ ୩ଟାରେ ପାଣି ଛାଡ଼ିଛି। ପ୍ରତି ସେକେଣ୍ଡକୁ ୩ ଶହ ଘନଫୁଟ ପାଣି ଡ୍ୟାମ୍‌ରୁ ପ୍ରବାହିତ ହେଉଥିବା ସୂଚନା ମିଳିଛି। ସମ୍ଭାବ୍ୟ ବନ୍ୟା ଆଶଙ୍କାରେ ଜଳସ୍ତର କମାଇବା ପାଇଁ ଏହି ବ୍ୟବସ୍ଥା କରାଯାଇଥିବା କୁହାଯାଇଛି।

### ୨୪ ଘଣ୍ଟିଆ କଣ୍ଟ୍ରୋଲରୁମ

ଭଦ୍ରକ ଅଫିସ, ୨।୫ : ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ୨୪ ଘଣ୍ଟିଆ କଣ୍ଟ୍ରୋଲରୁମ୍ ଖୋଲାଯାଇଛି। ଜିଲା ଜରୁରିକାଳୀନ ବିଭାଗ ପକ୍ଷରୁ ୦୬୭୮୪ ୨୫୧ ୮୮୧ ନମ୍ବର ସହ ୧୦୭୭ ଟୋଲଫ୍ରି ନମ୍ବର ଜାରି କରାଯାଇଛି। ଫନୀ ସମ୍ପର୍କିତ ସୂଚନା ଓ ଅତ୍ୟାବଶ୍ୟକ ସହାୟତା ପାଇଁ ଏହି ନମ୍ବର ଜାରି କରାଯାଇଥିବା ଜିଲା ଜରୁରିକାଳୀନ ଅଧିକାରୀ ଜୟଶ୍ରୀ ସେନାପତି ସୂଚନା ଦେଇଛନ୍ତି।

### ମୃତକଙ୍କ ପରିବାରର ଜଣଙ୍କୁ ନିଯୁକ୍ତି, ୨୫ ଲକ୍ଷ ଟଙ୍କା ସହାୟତା ଦାବି

ତିହିଡ଼ି, ୨।୫ (ଡି.ଏନ୍.ଏ.) : ଭଦ୍ରକ ଜିଲା ଚାନ୍ଦବାଲି ନିର୍ବାଚନମଣ୍ଡଳୀର ତିହିଡ଼ି ଥାନା ଅଧୀନ ଦୌଲତପୁର ପଞ୍ଚାୟତର ଦୌଲତପୁର ଓ ନମେଇସାହି ଗ୍ରାମର ୫ ବ୍ୟକ୍ତି ବିଷାକ୍ତ ମଦ ପିଇ ପ୍ରାଣ ହରାଇଛନ୍ତି। ବୁଧବାର ଅପରାହ୍ନରେ ରାଜ୍ୟ ଓ ଜିଲାର ଭାଜପା ନେତା ଦୁଇ ଗ୍ରାମକୁ ଯାଇ ମୃତକଙ୍କ ପରିବାରକୁ ଭେଟିଥିଲେ। ଏହି ନେତାମାନେ ମୃତକଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ସେମାନଙ୍କୁ ନ୍ୟାୟ ପ୍ରଦାନ ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ଅବସରପ୍ରାପ୍ତ ପୋଲିସ ମହାନିର୍ଦ୍ଦେଶକ ତଥା କଟକ ଲୋକ ସଭା ଆସନର ଭାଜପା ଏମ୍‌ପି ପ୍ରାର୍ଥୀ ପ୍ରକାଶ ମିଶ୍ର ଯାଇ ମୃତକଙ୍କ ପରିବାରର ଜଣଙ୍କୁ ନିଯୁକ୍ତି ସହ ପ୍ରତି ପରିବାରକୁ ୨୫ ଲକ୍ଷ ଟଙ୍କା ଲେଖାଏ ସହାୟତା ପାଇଁ ଦାବି କରିଛନ୍ତି। ସେ ପ୍ରେସ୍ ବିବୃତିରେ କହିଥିଲେ ଯେ, ନିର୍ବାଚନରେ ମଦ ବଣ୍ଟନ କରି ଲୋକଙ୍କୁ ପ୍ରଭାବିତ କରିବା ନିନ୍ଦନୀୟ ଘଟଣା। ସରକାରୀ ମଦଦୋକାନ ବନ୍ଦ ଥିବାବେଳେ ଏକ ନିର୍ଦ୍ଦିଷ୍ଟ ଦଳର କର୍ମୀମାନେ କେଉଁଠୁ ମଦ ଆଣିଲେ ତାହାର ଉଚ୍ଚସ୍ତରୀୟ ତଦନ୍ତ ହେବା ଆବଶ୍ୟକ। ଯେଉଁ କର୍ମୀମାନେ ମଦ ବାଣ୍ଟିଥିଲେ ସେମାନଙ୍କୁ ଗିରଫ କରାଯିବା ସହ ନକଲି ମଦ କାରବାର ବନ୍ଦ କରାଯିବା ଦିଗରେ ପଦକ୍ଷେପ ନିଆଯାଉ ବୋଲି ସେ ଦାବି କରିଛନ୍ତି। ଏହାଛଡ଼ା ମଦମୃତ୍ୟୁ ଯୋଗୁ ପ୍ରତି ପରିବାର ଜଣେ ଜଣେ ରୋଜଗାରକ୍ଷମଙ୍କୁ ହରାଇଛନ୍ତି ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନବରଙ୍ଗପୁର ଏମ୍‌ପି ପ୍ରାର୍ଥୀ ବଳଭଦ୍ର ମାଝି, ଭାଜପାର ମୁଖପାତ୍ର ସମୀର ମହାନ୍ତି ଓ ଗୋଲକ ମହାପାତ୍ର, ଚାନ୍ଦବାଲିର ବିଧାୟକ ପ୍ରାର୍ଥୀ ମନମୋହନ ସାମଲ, ଜିଲା ସଭାପତି ବଦ୍ରିନାରାୟଣ ଧଳ, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ମନସ୍ମିତା ଖୁଣ୍ଟିଆ, ପ୍ରଭାତ ଜେନା, ଅମ୍ବିକା ଦାସ, ମଣ୍ଡଳ ସଭାପତି ଶଶିକାନ୍ତ ବିଶ୍ୱାଳ, ଜିଲା ସମ୍ପାଦକ ସଂଗ୍ରାମ ମହାନ୍ତି, ମୁକ୍ତିକାନ୍ତ ନାୟକ, ପ୍ରଫୁଲ୍ଲ ପାଢ଼ୀ ଓ ମାନସ ରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ୮ ବଖରା ଜଳିଗଲା

ଭଣ୍ଡାରିପୋଖରୀ, ୨।୫ (ଡି.ଏନ.ଏ.): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ ରହଣିଆ ପଞ୍ଚାୟତ ରାଢ଼ୋ ଗୋଡିପଦି ଗ୍ରାମରେ ଗୁରୁବାର ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟି ୪ ପରିବାରଙ୍କ ୮ ବଖରା ଘର ଜଳିଯାଇଛି। ଗ୍ରାମର ରସାନନ୍ଦ ବେହୁରିଆ, ପ୍ରଫୁଲ୍ଲ ବେହୁରିଆ, କରୁଣାକର ବେହୁରିଆ ଓ ନାରାୟଣ ବେହୁରିଆଙ୍କର ୨ ବଖରା ଲେଖାଏ ପୋଡ଼ିଯାଇଛି। ଭଣ୍ଡାରିପୋଖରୀ ଦମକଳ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଘରେ ରୋଷେଇ ଚାଲିଥିବା ବେଳେ ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି।

### ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

ଭଣ୍ଡାରିପୋଖରୀ, ୨।୫ (ଡି.ଏନ୍.ଏ.): ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରୀସ୍ଥିତ ବଳଦେବଜୀଉ ଉଚ୍ଚବିଦ୍ୟାଳୟ ପ୍ରାଙ୍ଗଣରେ ୨୦୧୭ ମସିହା ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଓ ଗୁରୁପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ମହାରଣା ଏଥିରେ ସଭାପତିତ୍ୱ କରିଥିଲେ। ଶିକ୍ଷକ ଗୌରୀଶଙ୍କର ମିଶ୍ର, ଇନ୍ଦ୍ରଜିତ ମଲିକ, ଦାମୋଦର ଶତପଥୀ, ମୋନାଲିସା କର, ଅମୂଲ୍ୟ ମଲ୍ଲିକ, ଶୁଭେନ୍ଦୁ ମଲ୍ଲିକ, କେଦାରସନ ମଲ୍ଲିକ ଓ ସେକ୍ ଇମାମୁଲ ପ୍ରମୁଖ ଉପସ୍ଥିତ ଥିଲେ। ସୁଧୀର କୁମାର ଦଳେଇ ଧନ୍ୟବାଦ ଦେଇଥିଲେ। ପୁରାତନ ଛାତ୍ରୀଛାତ୍ର ଶୁଭେନ୍ଦୁ ପଣ୍ଡା, ଅଭିଜିତ ବାରିକ, ପୂଜାରାଣୀ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସମୁଦ୍ରକୂଳିଆ ଲୋକଙ୍କୁ 'ଫନୀ' ଭୟ

## ମୁକାବିଲା ଲାଗି ପ୍ରଶାସନ ସଜାଗ


ପ୍ରଶାସନିକ ଅଧିକାରୀ ବାତ୍ୟା ଆଶ୍ରୟସ୍ଥଳୀ ବୁଲି ଦେଖୁଛନ୍ତି।



ମୋଟର ବୋଟ ସହ ଅଗ୍ନିଶମ କର୍ମଚାରୀ।


ଜଣେ ଅସହାୟ ବୃଦ୍ଧଙ୍କୁ ବନ୍ତ ଛକରୁ ନିଆଯାଉଛି।


ଏକ ପରିବାରକୁ ସୁରକ୍ଷିତ ସ୍ଥାନକୁ ଅଣାଯାଉଛି।


ତରବରିଆ ଭାବେ ଜଣେ ଚାଷୀ ଧାନ କାଟୁଛନ୍ତି।

ଭଦ୍ରକ ଅଫିସ, ୨।୫

ସାମୁଦ୍ରିକ ଝଡ଼ 'ଫନୀ'ର ମୁକାବିଲା ପାଇଁ ପ୍ରଶାସନ ତତ୍ପର ହୋଇପଡ଼ିଥିଲେ ମଧ୍ୟ ସମୁଦ୍ରକୂଳିଆ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ବ୍ଲକ ପ୍ରଶାସନ ମାଧ୍ୟମରେ ନିଜ ଅଞ୍ଚଳରେ ଡାକବାଜି ଯନ୍ତ୍ର ଯୋଗେ ସଜାଗ କରାଯାଇଛି। କଚ୍ଚାଘରେ ରହୁଥିବା ଲୋକଙ୍କୁ ସୁରକ୍ଷିତ ବାତ୍ୟାଶ୍ରୟ ସ୍ଥଳୀ ଓ ଗୋଷ୍ଠୀ ରହଣୀକେନ୍ଦ୍ରକୁ ସ୍ଥାନାନ୍ତର କରାଯିବା ପାଇଁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ସମୁଦ୍ର କୂଳବର୍ତ୍ତୀ ସମସ୍ତ ଗାଁର ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳୀକୁ ଅଣାଯିବା, ଗର୍ଭବତୀ ମହିଳାଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇବା ଏବଂ ଆବଶ୍ୟକସ୍ଥଳେ ଆଶ୍ରୟସ୍ଥଳୀଗୁଡ଼ିକରେ ରନ୍ଧାଖାଦ୍ୟ ଯୋଗାଇ ଦେବା ପାଇଁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତି ପଞ୍ଚାୟତରେ ଚୂଡ଼ା, ଗୁଡ଼ ଓ ପିଇବା ପାଣି ପ୍ୟାକେଟ ମହଜୁଦ ରଖିବାକୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଆନୁମାନିକ ପ୍ରାୟ ୨୪ ହଜାର ୬୦୦ ଲୋକ ପ୍ରାଥମିକସ୍ତରରେ ସ୍ଥାନାନ୍ତର କରାଯିବାକୁ ସ୍ଥିର ହୋଇଛି। ଏହି ଲୋକସଂଖ୍ୟା ୪୦ ହଜାର ହୋଇପାରେ ବୋଲି ଅନୁମାନ କରାଯାଉଛି। ପୁରୀରେ ଏହା ପ୍ରଥମେ ସ୍ଥଳଭାଗ ଛୁଇଁବ ବୋଲି ପାଣିପାଗ ବିଭାଗ ଅନୁମାନ କରିଥିବାରୁ ଭଦ୍ରକ ଜିଲାକୁ ରେଡ୍ ଜୋନ୍ ଏରିଆ ଭାବେ ଚିହ୍ନଟ କରାଯାଇଛି। ଏହାର ପ୍ରଭାବରେ ଭଦ୍ରକ ଜିଲା ଓ ଉପକୂଳବର୍ତ୍ତୀ ଅଞ୍ଚଳରେ ପ୍ରବଳ ବର୍ଷା ସାଙ୍ଗକୁ ପବନ ହେବାର ଆଶଙ୍କା ରହିଛି। ସମୁଦ୍ର କୂଳିଆ ୨ଟି ବ୍ଲକ ଚାନ୍ଦବାଲି ଓ ବାସୁଦେବପୁରର ୪୧ ଗାଁ ଲୋକେ ନାନା ଆଶା ଆଶଙ୍କାରେ ରହିଛନ୍ତି। ପ୍ରଶାସନ ପକ୍ଷରୁ ଦୁଇ ବ୍ଲକରେ ଥିବା ୬୪ଟି ବାତ୍ୟାଶ୍ରୟସ୍ଥଳୀ ଖୋଲାଯାଇ ଲୋକଙ୍କ ପାଇଁ ରଖାଯାଇଛି। ଧାମରା ବନ୍ଦର ଓ ଏହା ଆଖପାଖ ଅଞ୍ଚଳରେ ୩ ନମ୍ବର ବିପଦସଙ୍କେତ ଘୋଷଣା କରାଯାଇ ମତ୍ସ୍ୟଜୀବୀଙ୍କୁ ଆଗାମୀ ୩ ଦିନ ପର୍ଯ୍ୟନ୍ତ ସମୁଦ୍ର ଭିତରକୁ ଯିବାକୁ ବାରଣ କରାଯାଇଛି। ଗୁରୁବାର ଅପରାହ୍ନରୁ ବର୍ଷା ଲାଗିରହିଛି। ପ୍ରଶାସନ ଏହି ୨ ବ୍ଲକର ତହସିଲଦାର ଓ ବିଡିଓଙ୍କୁ ଅଧିକ ସଜାଗ ରହିବା ପାଇଁ ପରାମର୍ଶ ଦେଇଛି। ଜିଲା ମୁଖ୍ୟାଳୟ ସମେତ ସମସ୍ତ ବ୍ଲକ ମୁଖ୍ୟାଳୟରେ ଏନ୍‌ଡିଆର୍‌ଏଫ୍ ଓ ଓଡ୍ରାଫ୍ ଟିମ୍ ପହଞ୍ଚି ଲୋକଙ୍କୁ ସଚେତନ କରିବା ଆରମ୍ଭ କରିଛନ୍ତି।

### ଭଦ୍ରକରେ ୭ ବରିଷ୍ଠ ଅଧିକାରୀ

ଫନୀର ମୁକାବିଲା ଲାଗି ୭ଜଣ ବରିଷ୍ଠ ଅଧିକାରୀ ଭଦ୍ରକରେ ପହଞ୍ଚିବେ। ସେମାନଙ୍କ ମଧ୍ୟରୁ ୨ଜଣ ପହଞ୍ଚି ସାରିଛନ୍ତି। ଅନ୍ୟମାନେ ରାତି ସୁଦ୍ଧା ପହଞ୍ଚିବେ ବୋଲି ଜଣାଯାଇଛି। ଆଇଏସ୍ ସୁଦର୍ଶନ ପାଲ ଠାକୁର, ଏଡିଜିପି ବିନୟତୋଷ ମିଶ୍ର, ଅତିରିକ୍ତ ସଚିବ ସୁଧାକର ବୁର୍ଗୀ, ଜଙ୍ଗଲ ପରିବେଶ ଅତିରିକ୍ତ ସଚିବ ଅଶ୍ୱିନୀ କୁମାର ଚୌଧୁରୀ, ରାଜସ୍ୱ ଯୁଗ୍ମ ସଚିବ ନିଗମାନନ୍ଦ ପଣ୍ଡା, ଜେନେରାଲ ମ୍ୟାନେଜର ଇପିକଲ୍ ଅରୁଣ ମହାପାତ୍ର, ଗୃହ ବିଭାଗ ଯୁଗ୍ମ ସଚିବ ରାମଚନ୍ଦ୍ର ଜେନାଙ୍କୁ ସ୍ୱତନ୍ତ୍ର ଭାବେ ପରିସ୍ଥିତି ପ୍ରତି ନଜର ଓ ମୁକାବିଲା ପାଇଁ ପଠାଯାଇଥିବା ସୂଚନା ମିଳିଛି।

### ୨ ବ୍ଲକର ୪୧ ଗାଁ ହୋଇପାରେ ପ୍ରଭାବିତ

ବାସୁଦେବପୁର ଓ ଚାନ୍ଦବାଲି ବ୍ଲକର ୪୧ ଗାଁ 'ଫନୀ' ଦ୍ୱାରା ପ୍ରଭାବିତ ହୋଇପାରେ ବୋଲି ପୂର୍ବାନୁମାନ କରାଯାଉଛି। ବାସୁଦେବପୁରର ୧୦ ପଞ୍ଚାୟତ ଯଥା ଅଢୁଁଆ, ବାଲିମୁଣ୍ଡା, ବିଦେଇପୁର, ଚୂଡ଼ାମଣି, ଇରମ, କିସ୍ମତକୃଷ୍ଣପୁର, କୁମାରପୁର, ନୂଆଁଗାଁ, ପଦୁଁଆ, ସାନକୃଷ୍ଣପୁର ସହ ପୌରାଞ୍ଚଳର ୧ ନମ୍ବର ୱାର୍ଡ ପ୍ରଭାବିତ ହେବାର ଆଶଙ୍କା ରହିଛି। ସେହିଭଳି ଚାନ୍ଦବାଲିର ୪ ପଞ୍ଚାୟତ ଦୋସିଙ୍ଗା, କଇଥଖୋଲା, କରଣପଲ୍ଲୀ ଓ କରଞ୍ଜମାଳର ୨୪ ଗାଁ ପ୍ରଭାବିତ ହେବାର ଆଶଙ୍କା ଥିବାରୁ ଆଖପାଖ ୨୬ଟି ବାତ୍ୟାଶ୍ରୟସ୍ଥଳୀକୁ ଆଲର୍ଟ କରାଯାଇଛି। ବାତ୍ୟାଶ୍ରୟସ୍ଥଳୀ ଦାୟିତ୍ୱରେ ଥିବା ସମ୍ପାଦକ ଓ କମ୍ୟୁନିଟି ମୋବିଲାଇଜରଙ୍କୁ ସତର୍କ କରିଦିଆଯାଇଛି। ବାତ୍ୟା ଆଶ୍ରୟସ୍ଥଳୀରେ ଥିବା ଆବଶ୍ୟକ ଆସ୍କା ଲାଇଟ୍, ଅତ୍ୟାବଶ୍ୟକ ଔଷଧ କିଟ୍, ଜେନେରେଟର, ରେଡିଓ ଏବଂ ଅନ୍ୟାନ୍ୟ ସାମଗ୍ରୀ ସଜାଗ ରଖିବା ପାଇଁ କୁହାଯାଇଛି।

### ବଜାରରୁ ଆଳୁ ଉଭାନ୍

ଫନୀକୁ ନେଇ ଅତ୍ୟାବଶ୍ୟକ ସାମଗ୍ରୀ କଳାବଜାର ହେବା ଆରମ୍ଭ ହେଲାଣି। ବଜାରରୁ ଆଳୁ ଉଭାନ ହୋଇଗଲାଣି। ଭଦ୍ରକ ବଜାରରେ ଆଳୁ ୨୫ ଟଙ୍କା, ପିଆଜ ୩୦ ଟଙ୍କାରେ ବିକ୍ରି କରାଯାଉଥିବା ବେଳେ ପନିପରିବା ଦର ଗୁରୁବାରଠାରୁ ଆକାଶଛୁଆଁ ହୋଇଯାଇଛି।

### ୫୨ ଗର୍ଭବତୀ ସ୍ଥାନାନ୍ତର

ବାସୁଦେବପୁର ଓ ଚାନ୍ଦବାଲି ଅଞ୍ଚଳର ୫୨ ଗର୍ଭବତୀଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ଯେଉଁମାନଙ୍କର ୧୦ ତାରିଖ ସୁଦ୍ଧା ଶିଶୁ ଜନ୍ମ ତାରିଖ ରହିଛି ସେମାନଙ୍କୁ ମେଡ଼ିକାଲ ସ୍ଥାନାନ୍ତର କରାଯାଇଛି। ମେଡିକାଲରେ ୨୪ ଘଣ୍ଟିଆ ଡାକ୍ତର ଓ କର୍ମଚାରୀଙ୍କ ଡ୍ୟୁଟି ବ୍ୟବସ୍ଥା କରାଯାଇଛି।

# ବାସୁଦେବପୁରରେ ପହଞ୍ଚିଲେ ଏନ୍‌ଡିଆର୍‌ଏଫ୍ ଟିମ୍

ବାସୁଦେବପୁର, ୨।୫ (ଡି.ଏନ.ଏ.)

ଫନୀର ମୁକାବିଲା ପାଇଁ ଏନ୍‌ଡିଆର୍‌ଏଫ୍‌ର ଏକ ସ୍ୱତନ୍ତ୍ର ଟିମ୍ ବାସୁଦେବପୁରରେ ପହଞ୍ଚିଛି। ଏନ୍‌ଡିଆର୍‌ଏଫ୍ ଟିମ୍ ପକ୍ଷରୁ ଗୁରୁବାର ପୂର୍ବାହ୍ନ ଓ ଅପରାହ୍ନରେ ପଦୁଁଆ, ମୋହନପୁର, ଜଗନ୍ନାଥପୁର, କୁମାରପୁର, ନୂଆଁଗାଁ ସମେତ ବିଭିନ୍ନ ସମୁଦ୍ରକୂଳିଆ ଗାଁରେ ଡାକବାଜି ଯନ୍ତ୍ର ମାଧ୍ୟମରେ ବାତ୍ୟା ପାଇଁ ସଚେତନ ରହିବାକୁ ଲୋକଙ୍କୁ ପରାମର୍ଶ ଦିଆଯାଇଛି। ୨୫ ଜଣିଆ ଏକ ଟିମ୍ ତଟବର୍ତ୍ତୀ ଅଞ୍ଚଳକୁ ଯାଇ ଲୋକଙ୍କୁ ସଚେତନ କରାଉଛନ୍ତି। ବାସୁଦେବପୁର ବ୍ଲକର ୧୫ରୁ ଊର୍ଦ୍ଧ୍ୱ ପଞ୍ଚାୟତ ଓ ପୌରପାଳିକାର ୨ଟି ୱାର୍ଡର ସୀମା ସିଧାସଳଖ ବଙ୍ଗୋପସାଗରକୁ ଲାଗିଥିବାରୁ ଫନୀ ପ୍ରଭାବରେ ଅଧିକ ଲୋକ ପ୍ରଭାବିତ ହେବାର ଆଶଙ୍କା ରହିଛି। ବାସୁଦେବପୁରରେ ୩୮ଟି ବାତ୍ୟା ଆଶ୍ରୟସ୍ଥଳ ଥିବାବେଳେ ଏହି ବାତ୍ୟାଶ୍ରୟ ସ୍ଥଳ ଗୁଡିକରେ ଲୋକଙ୍କୁ ସୁରକ୍ଷିତ ଭାବରେ ଏଠାକୁ ଅଣାଯିବାକୁ ପ୍ରଶାସନ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ସମୁଦ୍ର ଅଶାନ୍ତ ଥିବାବେଳେ ଗୁରୁବାର ଅପରାହ୍ନଠାରୁ ବର୍ଷା ଆରମ୍ଭ ହୋଇଛି। ସେହିପରି ସମସ୍ତ ବିଦ୍ୟାଳୟ ଖୋଲା ରଖିବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଆବଶ୍ୟକ ସ୍ଥଳେ ବିଦ୍ୟାଳୟଗୁଡିକରେ ଲୋକଙ୍କୁ ମଧ୍ୟ ଥଇଥାନ କରାଯିବାର ବ୍ୟବସ୍ଥା ହୋଇଛି। ଏ ସମ୍ପର୍କରେ ବିଡିଓ ବୀରକିଶୋର ପାଣିଗ୍ରାହୀଙ୍କୁ ପଚାରିବାରୁ ଫନୀର ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ଉଦ୍ୟମ କରାଯାଉଛି। ଲୋକଙ୍କୁ ସଚେତନ କରାଯାଇଛି। ସମସ୍ତ ବାତ୍ୟା ଆଶ୍ରୟସ୍ଥଳରେ ଲୋକଙ୍କୁ ଥଇଥାନ ପାଇଁ ପଦକ୍ଷେପ ନିଆଯାଇଛି। କାର୍ଯ୍ୟର ତଦାରଖ ପାଇଁ ସରକାରୀ କର୍ମଚାରୀଙ୍କୁ ନିୟୋଜିତ କରାଯାଇ ତୀକ୍ଷ୍ଣ ନଜର ରଖାଯାଇଛି ବୋଲି ସେ କହିଛନ୍ତି। ତହସିଲଦାର ପ୍ରକାଶ ରାଉଳ ମଧ୍ୟ ତଦାରଖ କରୁଥିବା ଜଣାଯାଇଛି।

# ଭଣ୍ଡାରିପୋଖରୀରେ ଓଡ୍ରାଫ୍ ଟିମ୍


ଭଣ୍ଡାରିପୋଖରୀରେ ଓଡ୍ରାଫ୍ ଟିମ୍ ପହଞ୍ଚିଛନ୍ତି।

ଭଣ୍ଡାରିପୋଖରୀ, ୨।୫ (ଡି.ଏନ.ଏ.)

ଭଣ୍ଡାରିପୋଖରୀ ବ୍ଲକରେ ୩୩ ଜଣିଆ ଓଡ୍ରାଫ୍ ଟିମ୍ ଗୁରୁବାର ମଧ୍ୟାହ୍ନରେ ପହଞ୍ଚିଛନ୍ତି। ବ୍ଲକ ପ୍ରଶାସନ ପକ୍ଷରୁ ଫନୀର ମୁକାବିଲା ନେଇ ସମୀକ୍ଷା ବୈଠକ ବ୍ଲକ ସଭାଗୃହଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ବନମାଳୀ ତରାଇ, ତହସିଲଦାର ମୃତ୍ୟୁଞ୍ଜୟ ଭୂୟାଁ, ସିଡିପିଓ ନିର୍ଝରଣୀ ରାଉତ, ବ୍ଲକ ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ, କୃଷି ଅଧିକାରୀ ବ୍ରଜକିଶୋର ବେହେରା, ଗୋଷ୍ଠୀ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଅନିତାରାଣୀ ରାଉତ ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ। ରାଜସ୍ୱ ସଂସ୍ଥା ଯୁଗ୍ମ ସଚିବ ନିଗମାନନ୍ଦ ପଣ୍ଡା ଗୁରୁବାର ଭଣ୍ଡାରିପୋଖରୀରେ ପହଞ୍ଚି ବିଡିଓଙ୍କ ସହ ଆଲୋଚନା କରିଛନ୍ତି। ସେ ଏହି ବ୍ଲକରେ ବିପର୍ଯ୍ୟୟ ପରିଚାଳନା ଦାୟିତ୍ୱ ନେଇଛନ୍ତି। ଫନୀ ପ୍ରଭାବରେ ସମ୍ଭାବ୍ୟ ପବନ ଓ ବର୍ଷାରେ କ୍ଷତିଗ୍ରସ୍ତ ହେବାକୁ ଥିବା ଅଞ୍ଚଳରେ ବିଦ୍ୟାଳୟ, ଅଙ୍ଗନୱାଡି ଗୃହ, ରାଜୀବ ସେବାକେନ୍ଦ୍ର, ମିଶନ ଶକ୍ତିଗୃହ ଓ ବାତ୍ୟାଶ୍ରୟ ସ୍ଥଳୀଗୁଡ଼ିକୁ ୨୪ ଘଣ୍ଟା ଖୋଲା ରଖିବା ପାଇଁ ବିଡିଓ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବ୍ଲକର ୨୩ ପଞ୍ଚାୟତରେ କାର୍ଯ୍ୟନିର୍ବାହୀଙ୍କୁ ଆଲର୍ଟ କରାଯାଇଛି। ବାତ୍ୟାର ପ୍ରଭାବ ଦେଖି ତଳିଆ ଅଞ୍ଚଳ ଲୋକଙ୍କୁ ନେଇ ବାତ୍ୟାଶ୍ରୟସ୍ଥଳୀ, ଅଙ୍ଗନୱାଡି ଓ ସ୍କୁଲରେ ରଖାଯିବା ବ୍ୟବସ୍ଥା ହୋଇଛି। ପ୍ରତି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଚୂଡ଼ା, ଗୁଡ ପାଇଁ ଆବଶ୍ୟକ ଅର୍ଥ ଯୋଗାଇ ଦିଆଯାଇଛି। ଆବଶ୍ୟକ ପଡ଼ିଲେ ଫ୍ରି କିଚେନ୍ ଦେବାର ବ୍ୟବସ୍ଥା ମଧ୍ୟ କରାଯାଇଛି। ବ୍ଲକର ମଣିନାଥପୁର, ଜଳହରୀ, ବନ୍ଧାଲୋଠାରେ ୩ ବାତ୍ୟା ଆଶ୍ରୟସ୍ଥଳୀରେ ଜେନେରେଟର ମହଜୁଦ ରଖାଯାଇଛି। ପ୍ରାଥମିକ ଚିକିତ୍ସା ସ୍ୱରୂପ ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆବଶ୍ୟକ ଔଷଧ ପଠାଯିବା ବ୍ୟବସ୍ଥା କରାଯାଇଛି।

# ସ୍ଥାନାନ୍ତର ହେଲେ ୫ହଜାର ଲୋକ

## କ୍ଷେତ୍ରୀୟ ପରିଦର୍ଶନ କଲେ ବିଭାଗୀୟ ସଚିବ

ଚାନ୍ଦବାଲି, ୨।୫ (ଡି.ଏନ୍.ଏ.)

ସାମୁଦ୍ରିକ ଝଡ଼ 'ଫନୀ'କୁ ନେଇ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ଲୋକେ ଆଗୁଆ ସଜାଗ ହେଉଛନ୍ତି। ସେହିପରି ଲୋକଙ୍କୁ ସୁରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛି ପ୍ରଶାସନ। ୫ ହଜାରରୁ ଊର୍ଦ୍ଧ୍ୱ ନଦୀ ଓ ସମୁଦ୍ରକୂଳିଆ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ବ୍ଲକର ୬୩ ବାତ୍ୟାଶ୍ରୟସ୍ଥଳ, ୧୯୨ ସ୍କୁଲ, ୬ ରାଜୀବ ସେବାକେନ୍ଦ୍ର ଓ ୪୧ ଅଙ୍ଗନୱାଡି ଗୃହରେ ସେମାନଙ୍କୁ ରଖିବାର ବ୍ୟବସ୍ଥା ହୋଇଛି। ବୁଧବାର ଚାନ୍ଦବାଲି ବ୍ଲକ କାର୍ଯ୍ୟାଳୟ ପରିସରରେ ଏନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ବିଭାଗୀୟ ଅଧିକାରୀ ଏଥିରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ଗୁରୁବାର ଭଦ୍ରକ ଜିଲା ଦାୟିତ୍ୱରେ ଥିବା ବିଭାଗୀୟ ସଚିବ ସୁଦର୍ଶନ ପାଲ ଠାକୁର ଚାନ୍ଦବାଲି ଗସ୍ତ କରିଛନ୍ତି। ସେ କେତେକ ସ୍ଥାନର କ୍ଷେତ୍ରୀୟ ପରିଦର୍ଶନ କରିଛନ୍ତି। ବିଡିଓଙ୍କ ଅନୁପସ୍ଥିତିରେ ଭଦ୍ରକ ଉପଜିଲାପାଳ ପୀତାମ୍ବର ସାମଲ ଚାନ୍ଦବାଲି ବ୍ଲକରେ ନୋଡାଲ ଅଫିସର ଭାବେ ଅବସ୍ଥାପିତ ହୋଇଛନ୍ତି। ସଚିବ ଠାକୁରଙ୍କ ସହିତ ତହସିଲଦାର ସତ୍ୟଜିତ ରାଉତ, ଉପଜିଲାପାଳ ସାମଲ, ଏବିଡିଓ ସତ୍ୟନାରାୟଣ ସେଠୀ ପ୍ରମୁଖ ପରିଦର୍ଶନରେ ଯାଇଥିଲେ। ସେହିପରି ଗୁରୁବାର ସକାଳେ ଧାମରାରେ ଏନ୍‌ଡିଆର୍‌ଏଫ୍ ଓ ଚାନ୍ଦବାଲିରେ ଓଡ୍ରାଫ ଟିମ୍ ପହଞ୍ଚିଥିଲେ। ଜିଲାପାଳ ଜ୍ଞାନରଞ୍ଜନ ଦାସ ସନ୍ଧ୍ୟାରେ ଚାନ୍ଦବାଲିରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। କାର୍ଯ୍ୟରେ ଅବହେଳା କରିଥିବା ଅଭିଯୋଗରେ ଜଣେ ରାଜସ୍ୱ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଜଣାଯାଇଛି। ତେବେ ଫନୀ ଆସିବା ସୁଯୋଗରେ ଚାନ୍ଦବାଲିର ବିଭିନ୍ନ ବଜାରରେ ଆଳୁ ଓ ଚୂଡ଼ାର ଦାମ୍ ବୃଦ୍ଧି ସହ କୃତ୍ରିମ ଅଭାବ ଦେଖାଯାଇଛି। ଆଳୁ କିଲୋ ପ୍ରତି ୨୦ରୁ ୨୨ଟଙ୍କା ଦରରେ ବିକ୍ରି ହେଉଥିବା ଅଭିଯୋଗ ହେଉଛି। ଏହି ଖବର ମିଳିବା ପରେ ଜିଲା ଯୋଗାଣ ବିଭାଗ ନିର୍ଦ୍ଦେଶରେ ଚାନ୍ଦବାଲିର ବିଭିନ୍ନ ଦୋକାନ ଓ ଗୋଦାମ ଉପରେ ଚଢ଼ାଉ କରାଯାଇଛି। ଏମ୍‌ଆଇ ଉମେଶ ନାୟକ ଚଢ଼ାଉ ଦାୟିତ୍ୱ ନେଇଥିବାବେଳେ ଚାନ୍ଦବାଲିର ବ୍ୟବସାୟୀ ଓ ରିଟେଲରଙ୍କୁ ଭେଟି ଦରଦାମ ଓ ଗଚ୍ଛିତ ଜିନିଷର ତଦାରଖ କରିଛନ୍ତି। ଅଧିକ ଦରରେ ଜିନିଷ ବିକ୍ରି ଓ ବେଆଇନ ଭାବେ ଜିନିଷ ଗଚ୍ଛିତ ରଖିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ସତର୍କ କରାଇ ଦେଇଛନ୍ତି।


ଏମ୍‌ଆଇ ଉମେଶ ନାୟକ(ଡାହାଣରୁ ପ୍ରଥମ) ଏକ ଗୋଦାମରେ ତଦାରଖ କରୁଛନ୍ତି।

### ବାତ୍ୟା ମୁକାବିଲା ନେଇ ପ୍ରଶାସନିକ ବୈଠକ

ବନ୍ତ, ୨।୫ (ଡି.ଏନ.ଏ.)

ବାତ୍ୟା 'ଫନୀ'ର ମୁକାବିଲା ନେଇ ବନ୍ତ ବ୍ଲକ ପ୍ରଶାସନ ପକ୍ଷରୁ ଗୁରୁବାର ଜରୁରିକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକସ୍ଥିତ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପରିସରରେ ଆୟୋଜିତ ବୈଠକରେ ବିଡିଓ ରେବେକା ବିଲୁଙ୍ଗ ଅଧ୍ୟକ୍ଷତା କରିଥିଲେ। ପଞ୍ଚାୟତ ଅଧିକାରୀ ନିଶିକାନ୍ତ ଖୁଣ୍ଟିଆ, ସାମାଜିକ ସୁରକ୍ଷା ବିଭାଗ କର୍ମଚାରୀ ନିଶାକର ଖୁଣ୍ଟିଆଙ୍କ ସମେତ ୨୫ ପଞ୍ଚାୟତର ସମସ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଯୋଗ ଦେଇଥିଲେ। ପଞ୍ଚାୟତର ପବ୍ଲିକ ଆକ୍ସନ ଗ୍ରୁପ ଓ ବିଜୁ ଯୁବବାହିନୀର ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ବାତ୍ୟାର ମୁକାବିଲା ନେଇ ଉପସ୍ଥିତ କର୍ମଚାରୀ ଓ ସ୍ୱେଚ୍ଛାସେବୀମାନଙ୍କୁ ବୈଠକରେ ପରାମର୍ଶ ଦିଆଯାଇଥିଲା।

### ଗ୍ୟାସ୍ ବିତରଣ କେନ୍ଦ୍ରରେ ଭିଡ଼

ବନ୍ତ, ୨।୫ (ଡି.ଏନ.ଏ.)

ବାତ୍ୟା ଆଶଙ୍କାରେ ଗୁରବାର ବନ୍ତ ବ୍ଲକ ସଦରମହକୁମାରେ ଥିବା ଭାରତ ଗ୍ୟାସ୍ ବିତରଣ କେନ୍ଦ୍ରରେ ଭିଡ଼ ଦେଖାଯାଇଥିଲା। ସକାଳ ପ୍ରାୟ ୯ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଶତାଧିକ ଲୋକ ଲମ୍ବାଧାଡ଼ିରେ ଛିଡା ହୋଇ ଗ୍ୟାସ୍ ନେଉଥିଲେ। ଜଣେ ଜଣେ ଉପଭୋକ୍ତା ୨ଟା ଲେଖାଏ ସିଲିଣ୍ଡର ନେଉଥିବାରୁ ସମସ୍ୟା ସୃଷ୍ଟି ହୋଇଥିଲା।

## ପର୍ଯ୍ୟବେକ୍ଷକଙ୍କ ସମୀକ୍ଷା

# ଅନୁପସ୍ଥିତ କର୍ମଚାରୀଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ


ସମୀକ୍ଷା ବୈଠକରେ ପର୍ଯ୍ୟବେକ୍ଷକ ସୁଦର୍ଶନ ପାଲ ଠାକୁର ଓ ଅନ୍ୟମାନେ।

ଭଦ୍ରକ ଅଫିସ, ୨।୫

ବାତ୍ୟା ମୁକାବିଲା, ଉଦ୍ଧାର ଓ ଥଇଥାନ କାର୍ଯ୍ୟ ପାଇଁ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ଛୁଟି ବାତିଲ୍ କରାଯାଇଛି। କୌଣସି କର୍ମଚାରୀ ବିନା ଅନୁମତିରେ ଅନୁପସ୍ଥିତ ରହିଲେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି 'ଫନୀ' ପାଇଁ ଅନୁଷ୍ଠିତ ସମୀକ୍ଷା ବୈଠକରେ ଭଦ୍ରକ ଜିଲା ଲାଗି ନିଯୁକ୍ତ ପର୍ଯ୍ୟବେକ୍ଷକ ତଥା କେବିକେ ମୁଖ୍ୟ ପ୍ରଶାସକ ସୁଦର୍ଶନ ପାଲ ଠାକୁର କଡ଼ା ଚେତାବନୀ ଦେଇଛନ୍ତି। ଜିଲାପାଳଙ୍କ ଓସ୍‌ୱାନ ଗୃହ ପରିସରରେ ଅନୁଷ୍ଠିତ ବାତ୍ୟା ପ୍ରସ୍ତୁତି ସମୀକ୍ଷା ବୈଠକରେ ଉପସ୍ଥିତ ରହି ଏହି ବାତ୍ୟାରେ ଯେପରି ଧନ, ଜୀବନ, ପ୍ରାଣୀ ସମ୍ପଦ ହାନି ନ ଘଟେ ସେଥିପ୍ରତି ସମସ୍ତ ଅଧିକାରୀ ସତର୍କ ଦୃଷ୍ଟି ଦେବାକୁ ସେ କହିଥିଲେ। ବୈଠକରେ ଜିଲାପାଳ ଜ୍ଞାନରଞ୍ଜନ ଦାସ ଜିଲାସ୍ତରୀୟ ପ୍ରସ୍ତୁତିର ସମସ୍ତ ବିବରଣୀ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ରାଜେଶ ପଣ୍ଡିତ, ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ଉପଜିଲାପାଳ ପୀତାମ୍ବର ସାମଲ, ପିଡି ଡିଆର୍‌ଡିଏ ମଧୁସୂଦନ ମିଶ୍ର, ଜିଲା ଜରୁରୀ ଅଧିକାରୀ ଜୟଶ୍ରୀ ସେନାପତିଙ୍କ ସହିତ ସମସ୍ତ ଜିଲାସ୍ତରୀୟ ଅଧିକାରୀ, ଲାଇନ ଡିପାର୍ଟମେଣ୍ଟ ଅଧିକାରୀ ଉପସ୍ଥିତ ଥିଲେ।

# ମଦମୃତ୍ୟୁ ସଂଖ୍ୟା ୧୦ ଛୁଇଁଲା

**ଭଦ୍ରକ ଅଫିସ, ୨।୫**

ଭଦ୍ରକ ଜିଲା ଚାନ୍ଦବାଲି ନିର୍ବାଚନମଣ୍ଡଳୀ ଅଧୀନ ତିହିଡ଼ି ଥାନାର ଦୌଲତପୁର ପଞ୍ଚାୟତ ଓ ଚାନ୍ଦବାଲି ଥାନାର ଯଶୀପୁର ଗାଁରେ ବିଷାକ୍ତ ମଦମୃତ୍ୟୁ ସଂଖ୍ୟା ଗୁରୁବାର ସୁଦ୍ଧା ୧୦ରେ ପହଞ୍ଚିଛି। ରାଜ୍ୟ ଅବକାରୀ ବିଭାଗ ଘଟଣାର ତଦନ୍ତ କରୁଛି। ମୃତକଙ୍କ ଗାଁ ଦୌଲତପୁର, ଯଶୀପୁର ଓ ଆଖପାଖ ଗାଁରେ ୬ଟି ଡାକ୍ତରୀ ଟିମ୍ ଘର ଘର ବୁଲି ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଔଷଧ ବଣ୍ଟନ କରୁଛନ୍ତି। ସିଡିଏମ୍‌ଓ ବାରିଶ ଦାସ, ତିହିଡି ମେଡିକାଲ ଅଫିସର ଶୁଭକାନ୍ତ ଓଝାଙ୍କ ନେତୃତ୍ୱରେ ଲୋକଙ୍କୁ ସଚେତନ କରାଇବା ପାଇଁ ପ୍ରତି ଦଳରେ ଜଣେ ଲେଖାଏ ଡାକ୍ତର, ଆଶା, ଅଙ୍ଗନୱାଡି ଓ ସ୍ୱାସ୍ଥ୍ୟକର୍ମୀ କାର୍ଯ୍ୟ କରୁଛନ୍ତି। ଏହାମଧ୍ୟରେ ବୁଧବାର ରାଜ୍ୟ ଭାଜପାର ଏକ ପ୍ରତିନିଧି ଦଳ ଓ ପିସିସି ମୁଖ୍ୟ ନିରଞ୍ଜନ ପଟ୍ଟନାୟକ ପୃଥକ୍ ପୃଥକ୍ ସମୟରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏଥିସହ ସେମାନେ ରାଜ୍ୟ ସରକାରଙ୍କ ଅଣଦେଖାକୁ ଦ୍ୱାହି ଦେଇ ଏଭଳି ଘଟଣାରେ ସମ୍ପୃକ୍ତ ବିଜେଡି ନେତାଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଛନ୍ତି। ଏହି ଦୁଇ ଦଳର ନେତାମାନେ ପ୍ରଥମେ ଭଦ୍ରକ ମେଡିକାଲରେ ପହଞ୍ଚି ଚିକିତ୍ସିତ ହେଉଥିବା ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ପଚାରି ବୁଝିବା ସହ ମୃତକଙ୍କ ପରିବାରଙ୍କୁ ଭେଟି ସମବେଦନା ଜଣାଇଥିଲେ। ନ୍ୟାୟିକ ତଥା ନିରପେକ୍ଷ ତଦନ୍ତ ପାଇଁ ସେମାନେ ଦାବି କରିଛନ୍ତି।

ସୂଚନା ଅନୁସାରେ, ଜିଲା ଚିକିତ୍ସାଳୟରେ ଚିକିତ୍ସିତ ହୋଇ ପ୍ରାୟ ୭୦ରୁ ଊର୍ଦ୍ଧ୍ୱ ଘରକୁ ଫେରିଥିବା ବେଳେ ୨୦ଜଣ ଜିଲା ଚିକିତ୍ସାଳୟ ଓ ୫ ଜଣ କଟକରେ ଚିକିତ୍ସାଧୀନ ଅଛନ୍ତି। ନିର୍ବାଚନ ସମୟରେ ଭୋଟରଙ୍କୁ ହାତେଇବା ପାଇଁ ଏହି ନକଲି ମଦ କେଉଁଠୁ ଅଣାଯାଇଥିଲା ଓ କିଏ ଏହାକୁ ବାଣ୍ଟିଥିଲା ସେନେଇ ତିହିଡ଼ି ଥାନା ପୋଲିସ ଓ ଜିଲା ଅବକାରୀ ବିଭାଗ ତଦନ୍ତ ଚଳାଇଛନ୍ତି।



ଦୌଲତପୁର ଗାଁରେ ସିଡିଏମ୍‌ଓଙ୍କ ସମେତ ଡାକ୍ତରୀ ଟିମ୍।

- ଗାଁରେ ବୁଲୁଛନ୍ତି ଡାକ୍ତରୀ ଟିମ୍
- ସ୍ଥିତି ଅନୁଧ୍ୟାନ କଲେ ରାଜ୍ୟ ଭାଜପା ଟିମ୍, ପିସିସି ମୁଖ୍ୟ
- ଅବକାରୀ ଓ ପୋଲିସର ମିଳିତ ଚଢ଼ାଉ ଜାରି

ଅପରପକ୍ଷରେ ନିର୍ବାଚନ ସମୟର ୪୮ ଘଣ୍ଟା ପୂର୍ବରୁ ସମସ୍ତ ମଦ ଦୋକାନ ସିଲ୍ କରାଯାଇଥିବା ବେଳେ କିଏ ଓ କେଉଁ ମଦ ଦୋକାନରୁ ଏହି ନକଲି ମଦ ଆଣି ବାଣ୍ଟିଲା ତନାଘନା ଆରମ୍ଭ କରିଛି ପୋଲିସ। ସେହିପରି ରାଜ୍ୟ ଅବକାରୀ କମିଶନର ଜି.ଏସ୍ ପୁନିଆ ମଙ୍ଗଳବାର ଭଦ୍ରକରେ ପହଞ୍ଚି ମଦର ନମୁନା ସଂଗ୍ରହ କରି ଓ ଜିଲାପାଳଙ୍କ ସହ ଆଲୋଚନା କରି ଫେରିଛନ୍ତି। ଅବକାରୀ ଡେପୁଟି କମିଶନର ରାମଚନ୍ଦ୍ର ପାଲଟା ଦୁଇଦିନ ଧରି ଭଦ୍ରକରେ ଡେରା ପକାଇ ବିଭିନ୍ନ ଦିଗ ପ୍ରତି ନଜର ରଖିବା ସହ ଅବକାରୀ ଓ ପୋଲିସ ବିଭାଗ ଦ୍ୱାରା ଦୈନିକ ହେଉଥିବା ଚଢ଼ାଉର ତର୍ଜମା ଚଳାଇଛନ୍ତି। ଘଟଣା କିଭଳି ଓ କେଉଁ ପରିସ୍ଥିତିରେ ଘଟିଲା ରାଜ୍ୟ ସରକାର ଜିଲାପାଳଙ୍କୁ ଏକ ରିପୋର୍ଟ ତଲବ କରିଛନ୍ତି।

## ମଦମୃତ୍ୟୁ ପରେ ଅବକାରୀ ବିଭାଗ ତତ୍ପର

**ବାଲେଶ୍ୱର ଅଫିସ, ୨।୫**

**୩ ଦିନରେ ୪ ଗିରଫ**

ଭଦ୍ରକ ଜିଲାରେ ନକଲି ମଦ ପିଇ ୧୦ ଜଣଙ୍କ ଜୀବନ ଯାଇଥିବା ବେଳେ ବାଲେଶ୍ୱର ଜିଲାପାଳ ରମେଶ ଚନ୍ଦ୍ର ରାଉତଙ୍କ ନିର୍ଦ୍ଦେଶରେ ଜିଲା ଅବକାରୀ ବିଭାଗ ବାଲେଶ୍ୱର-ଭଦ୍ରକ ସୀମାନ୍ତରେ ଥିବା ସିମୁଳିଆ, ସୋର, ଖଇରା ଅଞ୍ଚଳରେ ଚଢ଼ାଉ କରି ୩ଦିନ ଭିତରେ ୪ଜଣ ଖୁଚୁରା ମଦ ବେପାରୀଙ୍କୁ ଗିରଫ କରିଛନ୍ତି। ସେମାନଙ୍କ ନିକଟରୁ ୬୨ଲିଟର ବିଦେଶୀ ମଦ ସହ ୭୩ଲିଟର ବିଅର ଜବତ କରାଯାଇଥିବା ଜିଲା ଅବକାରୀ ଅଧୀକ୍ଷକ ରାଜେଶ ଭୋତ୍ରା ଗୁରୁବାର ସୂଚନା ଦେଇଛନ୍ତି।

ଏପ୍ରିଲ ୩୦ ତାରିଖରେ ଜିଲା ଅବକାରୀ ଅଧୀକ୍ଷକ ଭୋତ୍ରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭ୍ରାମ୍ୟମାଣ ନିରିକ୍ଷକ ଉଦେଲାଲ ନାୟକ, ସୋର, ଖଇରା, ନୀଳଗିରି ସହ ଉପ-ନୀରିକ୍ଷକ ଲକ୍ଷେ ସାଧବ ପ୍ରଧାନ, ସଦର ଅବକାରୀ ବିଭାଗ ଉପନୀରିକ୍ଷକ ଅର୍ଜୁନ ମଲ୍ଲିକଙ୍କ ସହ କର୍ମଚାରୀମାନେ ଏକ ଟିମ୍ ଗଠନ କରି ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ। ଏଥିରେ ବ୍ୟାପକ ମଦ ଜବତ କରିବା ସହ ଉକ୍ତ ବିଦେଶୀ ମଦ ଅସଲି କିମ୍ବା ନକଲି ଜାଣିବା ପାଇଁ ନମୁନା କେମିକାଲ୍ ଟେଷ୍ଟ ପାଇଁ ପଠାଯାଇଛି। ଯଦି ଏହା ପ୍ରମାଣିତ ହୁଏ ତା'ହେଲେ ବିଭାଗ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡିଛି। ଗିରଫ ଜାମୁଝାଡ଼ି ଗ୍ରାମର କୃଷ୍ଣଚନ୍ଦ୍ର ନାୟକଙ୍କ ନାମରେ ଖଇରା ଅବକାରୀ ଥାନାରେ ମାମଲା (ନଂ. ୧୧/୧୯-୨୦), ଓଡ଼ା ଗ୍ରାମର ଭାଗିରଥି ନାୟକଙ୍କ ନାମରେ ଖଇରା ଅବକାରୀ ଥାନାରେ ମାମଲା (ନଂ. ୧୨/୧୯-୨୦), ତେନ୍ତୁଳିଆପଡ଼ା ଗ୍ରାମର ଭାସ୍କର ମାଝିଙ୍କ ନାମରେ ଭ୍ରାମ୍ୟମାଣ ଥାନାରେ ମାମଲା (ନଂ. ୩୪/୧୯-୨୦), ସୋର ଉତ୍ତରେଶ୍ୱର ଗ୍ରାମର ମନୋରଞ୍ଜନ ନାୟକଙ୍କ ନାମରେ ସୋର ଅବକାରୀ ଥାନାରେ ମାମଲା (ନଂ. ୧୭/୧୯-୨୦) ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି।

### ■ ବିଇଓଙ୍କୁ ମରଣାନ୍ତକ ଆକ୍ରମଣ

## ଜେଲ ଗଲେ ନିଲମ୍ବିତ ସିଆର୍‌ସିସି

**ଧାମନଗର, ୨।୫ (ଡି.ଏନ୍.ଏ.)**

ଭଦ୍ରକ ଜିଲା ଧାମନଗର ବ୍ଲକ ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକଙ୍କୁ ମରଣାନ୍ତକ ଆକ୍ରମଣ କରି ସିଆର୍‌ସିସି ମୁକ୍ତିକାନ୍ତ ଦାସଙ୍କୁ ଜେଲ ଯିବାକୁ ପଡ଼ିଛି। ଆକ୍ରମଣରେ ଗୁରୁତର ବିଇଓ କଟକ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଏ ନେଇ ବିଇଓଙ୍କ ଅଭିଯୋଗକ୍ରମେ ଧାମନଗର ଥାନାରେ ଏକ ମାମଲା (ନଂ.୭୬/୧୯) ରୁଜୁ ହୋଇଛି। ଅନ୍ୟପକ୍ଷେ ବିଇଓ ବାରିକ ଜାତିଆଣ ଆକ୍ଷେପକରି ଗାଳିଗୁଲଜ କରିଥିବା ସିଆର୍‌ସିସି ଦାସଙ୍କ ଅଭିଯୋଗକ୍ରମେ ପୋଲିସ ଅନ୍ୟ ଏକ ମାମଲା(ନଂ.୭୭/୧୯) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ବିଇଓ ବାରିକ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ସିଆର୍‌ସିସି ଦାସ ଏଥର ନିର୍ବାଚନ ସମୟରେ ରାଜନୀତିରେ ଭାଗନେବା ପାଇଁ ଉଦ୍ୟମ କରିଥିଲେ। ସେ ନିଜ କେନ୍ଦ୍ର ଅଧୀନରେ ଥିବା ମଧ୍ୟାହ୍ନଭୋଜନ, ସର୍ବଶିକ୍ଷା ଅଭିଯାନ, ମୋ ସ୍କୁଲ ଅଭିଯାନ ପାଣ୍ଠିରୁ ଟଙ୍କା ଉଠାଣ କରି ଦୁରୁପଯୋଗ କରିବା ଏବଂ ଶିକ୍ଷୟିତ୍ରୀ ଶିକ୍ଷକଙ୍କଠାରୁ ଟଙ୍କା ଧାର କରଜ କରି ନ ଫେରାଇବା ଆଦି ଅଭିଯୋଗ ଅନୁସାରେ ତାଙ୍କୁ ସିଆର୍‌ସିସି ପଦବୀରୁ ନିଲମ୍ବିତ କରାଯାଇଥିଲା। ଏକ ସ୍କୁଲକୁ ଶିକ୍ଷକ ଭାବେ ତାଙ୍କୁ ଅବସ୍ଥାପିତ କରାଯାଇଥିଲା। ସିଆର୍‌ସିସି ପଦବୀରୁ ମୁକ୍ତିକାନ୍ତଙ୍କୁ ନିଲମ୍ବନ କରାଯାଇଥିବାରୁ ବୁଧବାର ପୂର୍ବାହ୍ନରେ ସେ ବିଇଓଙ୍କ କାର୍ଯ୍ୟାଳୟରେ ପଶି ତାଙ୍କୁ ମରଣାନ୍ତକ ଅକ୍ରମଣ କରିଥିଲେ। ଏକ ଲୁହା ପାଇପ୍‌ରେ ସେ ବିଇଓଙ୍କୁ ମାଡ଼ ମାରିଥିଲେ। ଏଥିରେ ବିଇଓଙ୍କର ମୁଣ୍ଡ ପଚ୍ଛପଟ ଫାଟିଯାଇଥିବା ବେଳେ ଦୁଇହାତ ଏବଂ ପିଠିରେ ଗଭୀର ଆଘାତ ଲାଗିଥିଲା। ପ୍ରାଥମିକ ଚିକିତ୍ସା ପରେ ସେ ଏ ନେଇ ଧାମନଗର ଥାନାରେ ଏତଲା ଦେଇଥିଲେ। ଅଭିଯୋଗ ଆଧାରରେ ପୋଲିସ ବୁଧବାର ମୁକ୍ତିକାନ୍ତଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିଲା।

## ଅଚେତ ନାବାଳିକାଙ୍କୁ ଉଦ୍ଧାର କଲେ ଅଗ୍ନିଶମ ଅଧିକାରୀ

**ଖଇରା, ୨।୫(ଡି.ଏନ୍.ଏ.)**

**ମାନବିକତା**

ହାତଗୋଡ଼ ବନ୍ଧାହୋଇଥିବା ଅଚେତ ଅବସ୍ଥାରେ ରାସ୍ତାକଡ଼ରେ ପଡିଥିବା ଜଣେ ଯୁବତୀଙ୍କୁ ଉଦ୍ଧାରକରି ଖଇରା ଅଗ୍ନିଶମ ବିଭାଗର ମୁଖ୍ୟ ଆଗ୍ନିକ ମାନସ ରଞ୍ଜନ ମହାନ୍ତି ମାନବିକତାର ପରିଚୟ ଦେଇଛନ୍ତି। ସେ ବୁଧବାର ପ୍ରତ୍ୟୁଷରେ ପତିରାଜପୁର ପଡିଆରେ ଯାତ୍ରା ଦେଖି ବନ୍ଧୁଙ୍କ ସହ କାରରେ ଡୁଙ୍ଗୁରା-ପଳସା ରାସ୍ତାରେ ଫେରୁଥିଲେ। ଏହି ସମୟରେ ମଡାପଦା ଗ୍ରାମ ନିକଟରେ ଉକ୍ତ ଯୁବତୀ ପଡିଥିବା ସେ ଦେଖିଥିଲେ। ମୁଖ୍ୟ ଆଗ୍ନିକ ମହାନ୍ତି ବିଳମ୍ବ ନ କରି ତୁରନ୍ତ ଉକ୍ତ ଯୁବତୀଙ୍କୁ କାର୍‌ରେ ନେଇ ଚିକିତ୍ସା ପାଇଁ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ଏଥିସହ ଖଇରା ପୋଲିସକୁ ମଧ୍ୟ ଖବର ଦେଇଥିଲେ। ପୋଲିସ ପହଞ୍ଚି ଏହାର ଅଧିକ ତଦନ୍ତ ଜାରି ରଖିଛି। ମୁଖ୍ୟ ଆଗ୍ନିକ ମହାନ୍ତିଙ୍କ ଏପରି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।

### ■ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ମାମଲା

## ଦୋଷୀଙ୍କୁ ୫ ବର୍ଷ ଜେଲ

**ବାରିପଦା ଅଫିସ, ୨।୫**

ମୟୂରଭଞ୍ଜ ଜିଲା ଅତିରିକ୍ତ ଜିଲା ଦୌରା ଜଜ୍ (୧) ଡ. ଭି ସୁଜାତା ଗୁରୁବାର ଜଣେ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ମାମଲାର ବିଚାରକରି ଦୋଷୀଙ୍କୁ ୫ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଠାକୁରମୁଣ୍ଡା ଥାନା ଅଞ୍ଚଳର ଜଣେ ୫ ବର୍ଷର ବାଳିକା ତାଙ୍କ ସାଙ୍ଗମାନଙ୍କ ସହ ୨୯।୮।୨୦୧୩ରେ ଘର ପାଖ ନଦୀ ଅଞ୍ଚଳକୁ ବୁଲିବାକୁ ଯାଇଥିଲେ। ଏହି ସମୟରେ ସେହି ଗ୍ରାମର ଲକ୍ଷ୍ମଣ ହେମ୍ବ୍ରମ ତାଙ୍କୁ ଏକ ନିଛାଟିଆ ସ୍ଥାନକୁ ଟେକିନେଇ ବଳାତ୍କାର ଉଦ୍ୟମ କରିଥିଲେ। ନାବାଳିକା ଚିତ୍କାର କରିବାରୁ ସେ ତାଙ୍କୁ ଛାଡ଼ି ପଳାଇଥିଲେ। ପରେ ନାବାଳିକାଙ୍କ ମା' ଏନେଇ ଠାକୁରମୁଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ.୪୨/୧୩) ରୁଜୁକରି ଲକ୍ଷ୍ମଣଙ୍କୁ ଗିରଫ କରିଥିଲା। ଏହି ମାମଲା ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ ଅଭିନ୍ନ କୁମାର ପଟ୍ଟନାୟକ ପରିଚାଳନା କରୁଥିଲେ।

## ଅଧ୍ୟାପକ ହେବାକୁ ଲକ୍ଷ୍ୟ ରଖିଛି

**ସିମୁଳିଆ, ୨।୫(ଡି.ଏନ.ଏ.)**

ଫକୀରମୋହନ ବିଶ୍ୱବିଦ୍ୟାଳୟ ଅଧୀନ ଯୁକ୍ତ ୩ ପରୀକ୍ଷାରେ ସିମୁଳିଆ ବ୍ଲକ ଅଧୀନ ସିମୁଳିଆ ମହାବିଦ୍ୟାଳୟର ବାଣିଜ୍ୟ ଛାତ୍ର ହେମନ୍ତ ସ୍ୱାଇଁ ସର୍ବୋଚ୍ଚ ନମ୍ବର ରଖି ଜିଲାରେ ଟପ୍ପର ହୋଇଛନ୍ତି। ସେ ଆକାଉଣ୍ଟିଂ ସମ୍ମାନ (ଅନର୍ସ) ବିଷୟରେ ମୋଟ ୧୮୦୦ ନମ୍ବରରୁ ସର୍ବାଧିକ ୧୩୩୨ନମ୍ବର ରଖି ସଫଳ ହୋଇଛନ୍ତି। ତାଙ୍କ ଘର ସିମୁଳିଆ ବ୍ଲକ ବାଉରିପଦା ପଞ୍ଚାୟତ ବାଲିହାନ୍ତି ଅଞ୍ଚଳରେ। ତାଙ୍କ ମା' ସବିତା ଜଣେ ଗୃହିଣୀ ହୋଇଥିବା ବେଳେ ବାପା ମାୟାଧର କଲିକତାରେ ବ୍ୟବସାୟ କରନ୍ତି। ଦୈନନ୍ଦିନ ୬ରୁ ୭ଘଣ୍ଟା ଅଧ୍ୟୟନ କରୁଥିବା ହେମନ୍ତ ଭବିଷ୍ୟତରେ ଜଣେ ଅଧ୍ୟାପକ ହେବାକୁ ଲକ୍ଷ୍ୟ ରଖିଛନ୍ତି। ସେ ନିଜର ସଫଳତାର ଶ୍ରେୟ ମା', ବାପା, ମାମୁ ବାହାନଗା ହାଇସ୍କୁଲର ଶିକ୍ଷକ ଦାମୋଦର ମହାନ୍ତି, ଅଧ୍ୟାପକ ବନମାଳୀ ବେହେରା ଓ ଟ୍ୟୁଶନ ଶିକ୍ଷକ ପ୍ରହଲ୍ଲାଦ ନାୟକଙ୍କୁ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ୨୦୧୭ରେ ସିମୁଳିଆ ମହାବିଦ୍ୟାଳୟର ଛାତ୍ର ରତିକାନ୍ତ ବେହେରା, ୨୦୧୮ରେ ଛାତ୍ର ସତ୍ୟବ୍ରତ ଗାହାଣ ଓ ଚଳିତ ୨୦୧୯ରେ ଛାତ୍ର ହେମନ୍ତ ସ୍ୱାଇଁଙ୍କ ସଫଳତା କଲେଜର ମାନ ବୃଦ୍ଧିରେ ସହାୟକ ହୋଇଛି।



ହେମନ୍ତ ସ୍ୱାଇଁ।

## ମହିଳାଙ୍କୁ ବଳାତ୍କାର ଉଦ୍ୟମ ପରେ ଅଶ୍ଳୀଳ ଫଟୋ ଉଠାଇ ବ୍ଲାକମେଲିଂ

**ବାହାନଗା, ୨।୫(ଡି.ଏନ.ଏ.)**

ଖନ୍ତାପଡା ଥାନା ଅଞ୍ଚଳର ଜଣେ ବିବାହିତା ମହିଳାଙ୍କ ଘରେ ପଶି ଜଣେ ଯୁବକ ବଳାତ୍କାର ଉଦ୍ୟମ ସହ ଜବରଦସ୍ତ ଅଶ୍ଳୀଳ ଫଟୋ ଉଠାଇ ନେଇ ବ୍ଲାକମେଲିଂ କରିବା ଓ ଜୀବନରୁ ମାରିଦେବା ପାଇଁ ଧମକ ଦେଇଥିବା ଥାନାରେ ଅଭିଯୋଗ ହୋଇଛି। ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି।

## ମେଡିକାଲ ଶୌଚାଳୟରେ ଯୁବକଙ୍କ ଆତ୍ମହତ୍ୟା

**ବାଲେଶ୍ୱର ଅଫିସ, ୨।୫**

ବାଲେଶ୍ୱର ଜିଲା ମୁଖ୍ୟଚିକିତ୍ସାଳୟରେ ଥିବା ଡାଇରିଆ ୱାର୍ଡ଼ର ଶୌଚାଳୟ ଭିତରେ ଲାଗିଥିବା ଫ୍ୟାନ୍ ହୁକରେ ଜଣେ ଅଚିହ୍ନା ଯୁବକ ନିଜ ଗାମୁଛାରେ ଫାଶି ଲଗାଇ ବୁଧବାର ଆତ୍ମହତ୍ୟା କରିଛନ୍ତି। ତାଙ୍କର ବୟସ ୩୫ ବର୍ଷ ହେବ। ମଙ୍ଗଳବାର ସନ୍ଧ୍ୟାରେ ରେଳ ଧାରଣାରେ ଆତ୍ମହତ୍ୟା କରିବାକୁ ଯାଇ ସେ ବିଫଳ ହୋଇଥିଲେ। କିନ୍ତୁ ତାଙ୍କ ମୁଣ୍ଡରେ ଆଘାତ ହେବା କାରଣରୁ ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ନିଜର ନାମ ଅଶୋକ (୩୫) ବୋଲି କହିଥିବା ବେଳେ ଠିକଣା ପ୍ରକାଶ କରି ନ ଥିଲେ। ଏପରି ପରିସ୍ଥିତିରେ ତାଙ୍କୁ ପ୍ରଥମେ ସର୍ଜରୀ ୱାର୍ଡ଼ ଏବଂ ପରେ ଡାଇରିଆ ୱାର୍ଡ଼କୁ ସ୍ଥାନାନ୍ତର କରାଯାଇଥିଲା। ଉକ୍ତ ରାତିରେ ଡାକ୍ତର ୱାର୍ଡ଼ରେ ତାଙ୍କୁ ଚିକିତ୍ସା ମଧ୍ୟ କରିଥିଲେ। ବୁଧବାର ପୂର୍ବାହ୍ନରେ ଶୌଚାଳୟ ଭିତରେ ସେ ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଥିଲା। ଏନେଇ ଟାଉନ ଥାନାରେ ଅପମୃତ୍ୟୁ ମାମଲା (ନଂ. ୬୬/୧୯) ରୁଜୁ କରାଯାଇଛି। ନିୟମ ଅନୁସାରେ ୭୨ ଘଣ୍ଟା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଟାଉନ୍ ଥାନାଧିକାରିଣୀ ସରୋଜିନୀ ନାୟକ କହିଛନ୍ତି।










3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ସିଭିଲ କୋର୍ଟ୍ସର କମ୍ପ୍ୟୁଟର, ସାକ୍ଷାତ୍କାର ପରୀକ୍ଷା ଘୁଞ୍ଚିଲା

**କେନ୍ଦୁଝର, ୨।୫ (ସ୍ୱ.ପ୍ର.):** ସମ୍ଭାବ୍ୟ ବାତ୍ୟା 'ଫନୀ' ଆଶଙ୍କାରେ ଆସନ୍ତା ୫ ତାରିଖରେ କେନ୍ଦୁଝର ସିଭିଲ କୋର୍ଟ୍ସର ଜୁନିୟର କ୍ଲର୍କ-କମ୍-କପିଷ୍ଟ, ଜୁନିୟର ଟାଇପିଷ୍ଟ ଓ ଜୁନିୟର ଷ୍ଟେନୋଗ୍ରାଫର ପଦବୀ ପାଇଁ ହେବାକୁ ଥିବା କମ୍ପ୍ୟୁଟର ପ୍ରାକ୍ଟିକାଲ ଓ ଟାଇପ ତଥା ସାକ୍ଷାତ୍କାର ପରୀକ୍ଷାକୁ ୧୨ତାରିଖ (ରବିବାର)କୁ ଘୁଞ୍ଚାଇ ଦିଆଯାଇଛି ବୋଲି ସିଭିଲ କୋର୍ଟ୍ସ ରେଜିଷ୍ଟ୍ରାର ଚିନ୍ମୟୀ ରଥ ସୂଚନା ଦେଇଛନ୍ତି। ପରୀକ୍ଷା ପାଇଁ ପୂର୍ବ ନିର୍ଦ୍ଧାରିତ ସ୍ଥାନ ଓ ସମୟ ଅପରିବର୍ତ୍ତିତ ରହିବ। ଏ ସମ୍ପର୍କରେ ସବିଶେଷ ସୂଚନା ସିଭିଲ କୋର୍ଟ୍ସ ନୋଟିସ ବୋର୍ଡରେ ମିଳିବା ସହିତ କୋର୍ଟ ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ ବୋଲି ରେଜିଷ୍ଟ୍ରାର ରଥ ଜଣାଇଛନ୍ତି। ଏଣୁ ଉପରୋକ୍ତ ପଦବୀ ନିମନ୍ତେ ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀମାନେ ପୂର୍ବରୁ ପଠାଯାଇଥିବା ଆଡମିଟ୍ କାର୍ଡ ସହ ରବିବାର ପୂର୍ବ ନିର୍ଦ୍ଧାରିତ ସ୍ଥାନ ଓ ସମୟରେ ପରୀକ୍ଷାରେ ଯୋଗଦେବାକୁ ସୂଚନା ଦିଆଯାଇଛି।

### କୋର୍ଟ ସମ୍ମୁଖରୁ ବିଚାରାଧୀନ କଏଦୀ ଚମ୍ପଟ

**କେନ୍ଦୁଝର,୨।୫(ସ୍ୱ.ପ୍ର.):** କେନ୍ଦୁଝର କୋର୍ଟ ସମ୍ମୁଖରୁ ଜଣେ ବିଚାରାଧୀନ କଏଦୀ ବୁଧବାର ଚମ୍ପଟ ମାରିଥିବା ଜଣାପଡ଼ିଛି। ତାଙ୍କ ନାମ ରାଜକ୍ରିଷ୍ଣା ଲୋହାର ବୋଲି ଜଣାପଡ଼ିଛି। ୨୦୧୮ ମସିହାରେ ସେ ଏକ ବଳାତ୍କାର ମାମଲାରେ ଗିରଫ ହୋଇ ବିଚାରାଧୀନ କଏଦୀ ଭାବେ କେନ୍ଦୁଝର ଜେଲରେ ଥିଲେ। ତାଙ୍କ ଘର ସହର ଉପକଣ୍ଠ ଗମ୍ଭାରିଆ ଗ୍ରାମରେ ବୋଲି ଜଣାପଡ଼ିଛି। ଗୁରୁବାର ଏଡିଜେ କୋର୍ଟରେ ଶୁଣାଣି ତାରିଖ ଥିବାରୁ କୋର୍ଟରୁ ବାହାରିବା ପରେ ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ଜେଲକୁ ଆସିବା ପାଇଁ ପୋଲିସ ଭ୍ୟାନ୍‌କୁ ଆସୁଥିବାବେଳେ କୋର୍ଟ ସମ୍ମୁଖରୁ ହଠାତ୍ ଦୌଡି ପଳାଇଥିଲେ। ଦାୟିତ୍ୱରେ ଥିବା ପୋଲିସ କର୍ମଚାରୀ ବହୁ ଖୋଜାଖୋଜି କରିଥିଲେ ମଧ ପତ୍ତା ମିଳିନାହିଁ। ଏ ସମ୍ପର୍କରେ ଟାଉନ ଥାନାରେ ଏତଲା ମଧ ହୋଇଛି। ପୋଲିସ ଅବହେଳାରୁ କଏଦୀ ଚମ୍ପଟ ମାରିଥିବାବେଳେ ଦାୟିତ୍ୱରେ ଅବହେଳା କରିଥିବା ପୋଲିସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

### ୩ ଶିକ୍ଷକଙ୍କ ପଦୋନ୍ନତି

**ପାଟଣା,୨।୫(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ବ୍ଲକରେ କାର୍ଯ୍ୟରତ ୩ଜଣ ଶିକ୍ଷକ ପଦୋନ୍ନତି ପାଇ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବେ ଯୋଗଦେଇଛନ୍ତି। ଏହି ବ୍ଲକ ସରାସକୋଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୟାନିଧି ପାତ୍ର, ଚମ୍ପୁଆ ବ୍ଲକ ଏବିଇଓ ଭାବେ, ମୃଷାଖୋରୀ ପଞ୍ଚାୟତ ବିଜାନାଳୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଚ୍ଚିଦାନନ୍ଦ ସେଠୀ, କେନ୍ଦୁଝର ସଦର ବ୍ଲକର ଏବିଇଓ ଭାବେ ଓ ଚେମେଣା ପଞ୍ଚାୟତ ରେଙ୍ଗାଳବେଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶାନ୍ତ ସେଠୀ ଯୋଡ଼ା ବ୍ଲକ ଏବିଇଓ ଭାବେ ଯୋଗ ଦେଇଛନ୍ତି। ଶିକ୍ଷକ ନେତା କମଳାକାନ୍ତ ପତି, ବୀରମୋହନ ଦ୍ୱିବେଦୀ, ଶ୍ରୀକାନ୍ତ ବିଶ୍ୱାଳ, ଭବାନୀ ଶଙ୍କର ମହନ୍ତ,ପ୍ରଫୁଲ୍ଲ ନାଏକ, ପ୍ରମୋଦ କୁମାର ମହନ୍ତ ଓ ସନ୍ତୋଷ ନାଏକ ପ୍ରମୁଖ ପଦୋନ୍ନତି ପାଇଥିବା ଏବିଇଓମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ଇଭିଏମ୍ ସୁରକ୍ଷା ପାଇଁ ପ୍ରଶାସନିକ ବ୍ୟବସ୍ଥା

**ଆନନ୍ଦପୁର,୨।୫(ସ୍ୱ.ପ୍ର.):** ଫନୀ ସାମୁଦ୍ରିକ ଝଡ଼ରେ କେନ୍ଦୁଝର ଜିଲାକୁ ପ୍ରଭାବ ରହିଥିବାବେଳେ ବିଶେଷ ଭାବେ ଆନନ୍ଦପୁର, ଘସିପୁରା ଏବଂ ହାଟଡିହି ବ୍ଲକ ବହୁଳ ପ୍ରଭାବିତ ହେବାର ଆଶଙ୍କା କରାଯାଇଛି। ତେବେ ଆନନ୍ଦପୁର ପୌର ପରିଷଦ ଶାଳପଡ଼ାର କନକ ମଞ୍ଜରୀ ମହିଳା ମହାବିଦ୍ୟାଳୟରେ ଆନନ୍ଦପୁର ଓ ଘସିପୁରା ବିଧାନସଭା ଆସନର ଇଭିଏମ୍ ଗଣତି ପାଇଁ ସୁରକ୍ଷିତ ରଖାଯାଇଛି। ତେବେ ବାତ୍ୟା ଆଶଙ୍କାରେ ଇଭିଏମ୍‌କୁ ଅଧିକ ସୁରକ୍ଷିତ ରଖିବା ପାଇଁ ମୁଖ୍ୟ ଦ୍ୱାର ନିକଟରେ ଇଟା ଯୋଡ଼େଇ କରାଯାଇ ଇଭିଏମ୍ ମଧକୁ ପାଣି ପ୍ରବେଶକୁ ରୋକାଯିବାର ବ୍ୟବସ୍ଥା ଗ୍ରହଣ କରାଯାଇଛି। ଆନନ୍ଦପୁର ଉପଜିଲାପାଳ ତଥା ନିର୍ବାଚନ ଅଧିକାରୀ ରବୀନ୍ଦ୍ର କୁମାର ସାହୁ, ମାଜିଷ୍ଟ୍ରେଟ୍, ବିଭିନ୍ନ ରାଜନୈତିକ ଦଳର ଏଜେଣ୍ଟ ଉପସ୍ଥିତ ରହି ସୁରକ୍ଷା ବ୍ୟବସ୍ଥାକୁ ତଦାରଖ କରିଛନ୍ତି।

# ପାଟନାରୁ ଆସିଲେ ଏନ୍‌ଡିଆରଏଫ୍‌ର ୪୦ ଜଣିଆ ଟିମ୍

**କେନ୍ଦୁଝର, ୨।୫(ସ୍ୱ.ପ୍ର.)**

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିଝଡ (ଫନୀ) ବାତ୍ୟା ରୂପ ନେଇ ଓଡିଶା ଉପକୂଳ ଛୁଇଁବାକୁ ଯାଉଥିବାରୁ ସମ୍ଭାବ୍ୟ ବାତ୍ୟା ପରିସ୍ଥିତି ମୁକାବିଲା ପାଇଁ ଜିଲାପାଳ ଆଶୀଷ କୁମାର ଠାକରେଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀକାଳୀନ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ମୁକାବିଲା ପାଇଁ ଯୁଦ୍ଧ କାଳୀନ ଭିତ୍ତିରେ ପ୍ରସ୍ତୁତି ହେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। 'ଫନୀ' ୩ ତାରିଖରେ ଓଡିଶା ଉପକୂଳ ଛୁଇଁବ। ଏହା ପ୍ରଭାବରେ କେନ୍ଦୁଝର ଜିଲାରେ ପ୍ରବଳ ବର୍ଷା ହେବା ସହ ଏହି ଜିଲାକୁ ରେଡ ୱାର୍ଣ୍ଣିଂ ଆଲର୍ଟ କରାଯାଇଛି। ଜିଲା, ଉପଖଣ୍ଡ, ବ୍ଲକ ଏବଂ ତହସିଲସ୍ତରରେ ୨୪ ଘଣ୍ଟିଆ କଣ୍ଟ୍ରୋଲ୍ ରୁମ୍ ଖୋଲାଯିବା ସହିତ ଅଧିକାରୀ/କର୍ମଚାରୀମାନେ ସଜାଗ ରହିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏତଦ୍‌ବ୍ୟତୀତ ସମସ୍ତ ଅଧିକାରୀ/କର୍ମଚାରୀଙ୍କର ଛୁଟିକୁ ବାତିଲ୍ କରାଯାଇଛି ବୋଲି ସୂଚନା ଦେଇଛନ୍ତି। ଅତିରିକ୍ତ ଜିଲାପାଳ ଡକ୍ଟର ସୋମନାଥ ପ୍ରଧାନ, ପିଡି ଡିଆରଡିଏ ଉଦ୍ଧବ ଚନ୍ଦ୍ର ମାଝୀ, ପିଡି ଡୁଡା ଘାଷୀନାଥ ମୁର୍ମୁ ସମେତ କେନ୍ଦୁଝର ଓ ଆନନ୍ଦପୁର ଉପଜିଲାପାଳ, ବିଭିନ୍ନ ବିଭାଗର ମୁଖ୍ୟ, ଜଳସମ୍ପଦ ବିଭାଗ ଓ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀ ମାନେ ସାମିଲ ହୋଇ ଏହାର ମୁକାବିଲା କିପରି କରାଯିବ ଆଲୋଚନା କରାଯାଇଥିଲା। ଜିଲାର ବାତ୍ୟାପ୍ରବଣ ଅଞ୍ଚଳ ହାଟଡିହି, ଆନନ୍ଦପୁର, ଘଷିପୁରା, ତେଲକୋଇ ଓ ବାଂଶପାଳ ଆଦି ବ୍ଲକ ଏହା ଦ୍ୱାରା କ୍ଷତିଗ୍ରସ୍ତ ହେବା ଆଶଙ୍କା ଥିବାରୁ ଅଧିକ ସତର୍କତା ପଦକ୍ଷେପ ନେବାକୁ କୁହାଯାଇଛି। ଜିଲାର ତଳି ଅଞ୍ଚଳରୁ ଲୋକଙ୍କୁ ଉଦ୍ଧାର କରି ଉଚ୍ଚସ୍ଥାନକୁ ନେବାଲାଗି ଆଲୋଚନା କରାଯାଇଥିଲା। ଏହା ଛଡା ଆଶ୍ରୟ ସ୍ଥଳୀ ମାନଙ୍କରେ ସମସ୍ତଙ୍କୁ ଶୁଖିଲା ଖାଦ୍ୟ, ପାନୀୟ ଜଳ, ଆଲୋକ ବ୍ୟବସ୍ଥା ସହିତ ଔଷଧ ବ୍ୟବସ୍ଥା କରିବାକୁ କୁହାଯାଇଛି। ପାୱାର ବୋଟ, ଓଡ୍ରାଫ ଟିମ, ଏନଡିଆରଏଫ ଟିମ ନିୟୋଜିତ କରାଯିବ ବୋଲି ଜିଲାପାଳ କହିଛନ୍ତି। ପୌରପାଳିକା ଓ ତଳି ଅଞ୍ଚଳରେ ଜଳମଗ୍ନ ହେଲେ କିପରି ପମ୍ପ ଜରିଆରେ ଜଳ ନିଷ୍କାସନ କରାଯାଇପାରିବ ସେଥିପାଇଁ ବିହିତ ପଦକ୍ଷେପ ନେବାକୁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଟେଲିଫୋନ୍ ବ୍ୟବସ୍ଥା, ମୋବାଇଲ୍ ଫୋନ୍ ବ୍ୟବସ୍ଥା କିପରି ସଚଳ ରହିପାରିବ ସେଥିପ୍ରତି ଆବଶ୍ୟକୀୟ ପଦକ୍ଷେପ ନେବାକୁ ଜିଲାପାଳ ଠାକରେ ନିର୍ଦ୍ଦେଶ ଦେଇଥିଲେ। ଜିଲାସ୍ତରଠାରୁ ବ୍ଲକ୍ ଓ ପଞ୍ଚାୟତ ପର୍ଯ୍ୟନ୍ତ ସମସ୍ତ କର୍ମଚାରୀ ନିଜ ନିଜର ମୋବାଇଲ୍ ଫୋନ୍ ସୁଇଚ୍ ଅଫ୍ ନକରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବାତ୍ୟା ଫନି ଯୋଗୁଁ ଆନନ୍ଦପୁର ଉପଖଣ୍ଡର କେତେକ ତଳି ଅଞ୍ଚଳ ଅଧିକ ପ୍ରଭାବିତ ହେବା ସମ୍ଭାବନା ରହିଥିବାରୁ ଗୁରୁବାର ବିହାରର ପାଟନାରୁ ଏନ୍‌ଡିଆର୍‌ଏଫ୍‌ର ୪୦ଜଣିଆ ଟିମ୍ କେନ୍ଦୁଝରରେ ପହଞ୍ଚିଛନ୍ତି। ଜିଲା ପ୍ରଶାସନ ସହ ଆଲୋଚନା ପରେ କମାଣ୍ଡିଙ୍ଗ ଅଫିସର ଦୀପକ କୁମାର ଗୁପ୍ତାଙ୍କ ନେତୃତ୍ୱରେ ଏହି ଟିମ୍ ସାଙ୍ଗରେ ଆଣିଥିବା ସମସ୍ତ ପ୍ରକାର ସରଞ୍ଜାମକୁ ନେଇ ଆନନ୍ଦପୁରରେ ପହଞ୍ଚିଥିବା ସୂଚନା ମିଳିଛି। ବାତ୍ୟା ସମୟରେ ଭୟଭୀତ ନ ହୋଇ ଏବଂ ଆତଙ୍କିତ ନ ହେବାକୁ କୁହାଯାଇଛି। ସତର୍କତାର ସହ ମୁକାବିଲା କରିବାକୁ ଲୋକଙ୍କୁ ପରାମର୍ଶ ଦିଆଯାଇଛି। ଜିଲାରେ ବାତ୍ୟା ପରେ ବନ୍ୟା ପରିସ୍ଥିତି ଉପଜିବା ଆଶଙ୍କା ଦେଖାଦେଇଥାଏ। ବିଶେଷ କରି ବୈତରଣୀ ନଦୀରେ ବନ୍ୟା ଆଶଙ୍କା ରହୁଥିବାରୁ ହାଟଡିହୀ, ଆନନ୍ଦପୁର, ଘଷିପୁରା ବାତ୍ୟା ପ୍ରପୀଡିତ ଅଞ୍ଚଳରେ ଅଧିକ ସତର୍କତା ଦୃଷ୍ଟି ଦିଆଯାଇଛି। ଏହି ତିନୋଟି ବ୍ଲକର ୫୦୦ ଗ୍ରାମ ଓ ଜିଲାର ୪ ଟି ପୌରପାଳିକାରେ ଡିଜଆଷ୍ଟର ରିସ୍କ ମ୍ୟାନେଜମେଣ୍ଟ ପ୍ରୋଗ୍ରାମ କାର୍ଯ୍ୟକାରି ହେଉଛି।



ବାତ୍ୟା ଲାଗି ଆନନ୍ଦପୁରରେ ଏନ୍‌ଡିଆର୍‌ଏଫ୍ ଟିମ୍।

**'ଫନୀ' ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି**

- ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ
- ଫୋନ ସ୍ୱିଚ୍ ଅଫ ନ କରିବାକୁ କର୍ମଚାରୀଙ୍କୁ ନିର୍ଦ୍ଦେଶ
- ଖୋଲାଗଲା ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍

### ଶୁଖିଲା ଖାଦ୍ୟ ମହଜୁଦ ରଖିବାକୁ ନିର୍ଦ୍ଦେଶ

**ଚମ୍ପୁଆ, ୨।୫(ଡି.ଏନ.ଏ.)**

ଚମ୍ପୁଆ ଉପଖଣ୍ଡରେ ବାତ୍ୟା ମୁକାବିଲା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ପ୍ରସ୍ତୁତି କରାଯାଇଛି ବୋଲି ଭାରପ୍ରାପ୍ତ ଉପଜିଲ୍ଲାପାଳ ଆଲୋକ କୁମାର ପଟେଲ ସୂଚନା ଦେଇଛନ୍ତି। ଅଧିକାରୀ/କର୍ମଚାରୀଙ୍କ ଛୁଟି ବାତିଲ କରାଯିବା ସହିତ ସମ୍ଭାବ୍ୟ ବାତ୍ୟା ପରିସ୍ଥିତିର ମୁକାବିଲା କାର୍ଯ୍ୟ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଉପଖଣ୍ଡ ଅଧୀନରେ ଥିବା ଚମ୍ପୁଆ, ଝୁମ୍ପୁରା, ଯୋଡ଼ା ଆଦି ବ୍ଲକ୍‌ରେ ଆବଶ୍ୟକୀୟ ଶୁଖିଲା ଖାଦ୍ୟ ଯଥା ଚୁଡା, ଗୁଡ, ଚିନି, ମହମବତୀ, ଦିଆସିଲି ଓ ଅତ୍ୟାବଶ୍ୟକୀୟ ସାମଗ୍ରୀ ବିପୁଳ ପରିମାଣରେ ମହଜୁଦ ରଖାଯାଇଛି।

### ପବନ ସାଙ୍ଗକୁ ଝିପିଝିପି ବର୍ଷା

**ହାଟଡ଼ିହୀ, ୨।୫(ଡ଼ି.ଏନ.ଏ.):**

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକର ବିଭିନ୍ନ ଅଞ୍ଚଳରେ ଫନୀ ବାତ୍ୟା ପ୍ରଭାବରେ ପବନ ସାଙ୍ଗକୁ ଝିପିଝିପି ବର୍ଷା ଆରମ୍ଭ ହୋଇଛି। ବାତ୍ୟା ମୁକାବିଲା ପାଇଁ ଜିଲାପାଳ ଆଶିଷ ଠାକରେ ଗୁରୁବାର ଅପରାହ୍ନରେ ବ୍ଲକରେ ପହଞ୍ଚି ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରାଇଥିଲେ। ବି ସୁଶାନ୍ତ ବାରିକ, ତହସିଲଦାର ଗାୟତ୍ରୀ ସୋରେନ, ଦମକଳ ସହକାରୀ ଯନ୍ତ୍ରୀ ସୁଶୀଲ ସେଠ, ଜିପିଓ ନବୀନ ନାୟକ, ସରପଞ୍ଚ ବିମ୍ବାଧର ବିଶ୍ୱାଳ, ଜିଆରଏସ ପଙ୍କଜ ତ୍ରିପାଠୀ, ଏବିଇଓ ସୁରେଶ ଯେନା ପ୍ରମୁଖଙ୍କ ସମେତ ବିଭିନ୍ନ କର୍ମଚାରୀମାନେ ଉପସ୍ଥିତ ଥିଲେ। ପ୍ରତ୍ୟେକ ପଞ୍ଚାୟତରେ ଏକ କଣ୍ଟ୍ରୋଲ ରୁମ ଖୋଲାଯାଇଥିବାବେଳେ ବ୍ଲକରେ ମଧ ଏକ କୋଣ୍ଟ୍ରୋଲ ରୁମ ଖୋଲାଯାଇଛି। ଏଥିସହ ଚୁଡା , ଗୁଡ , ମହମବତୀ ଆଗୁଆ ଗଚ୍ଛିତ ରଖାଯାଇଛି। ବ୍ଲକ ତରଫରୁ ବ୍ଲକ ବିଭାଗର କର୍ମଚାରୀଙ୍କୁ ନେଇ ଟିମ ଗଠନ କରାଯାଇଛି। ବ୍ଲକ ଅଧୀନ ୩୧ଟି ପଞ୍ଚାୟତ ମଧ୍ୟରୁ ୯ଟି ପଞ୍ଚାୟତକୁ ବାତ୍ୟା ପ୍ରଭାବିତ ପଞ୍ଚାୟତ ରୂପେ ଚିହ୍ନଟ କରାଯାଇଛି। ବାତ୍ୟା ମୁକାବିଲା ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶରେ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଥିବାବେଳେ ସମସ୍ତ କର୍ମଚାରୀ ପ୍ରସ୍ତୁତ ଅଛନ୍ତି।

#### ପ୍ରଶାସନ ପକ୍ଷରୁ ଜରୁରୀ ବୈଠକ

### ମୁକାବିଲା ପାଇଁ ଆମେ ପ୍ରସ୍ତୁତ: ଜିଲାପାଳ



ଆନନ୍ଦପୁର, ୨।୫(ସ୍ୱ.ପ୍ର.)-ଫନୀ ସାମୁଦ୍ରିକ ଝଡ଼ ଅତି ଭୟାନକ ରୂପରେ ପରିଣତ ହୋଇଥିବାବେଳେ ଏଥିପାଇଁ କ୍ଷତିଗ୍ରସ୍ତ ହେବାକୁ ଥିବା ରାଜ୍ୟର ୧୭ ଜିଲା ମଧ୍ୟରୁ କେନ୍ଦୁଝର ଜିଲାକୁ ରେଡ୍ ଆଲର୍ଟ ଜାରି କରାଯାଇଛି। ଏହାକୁ ନେଇ କେନ୍ଦୁଝର ଜିଲା ପ୍ରଶାସନ ପକ୍ଷରୁ ମୁକାବିଲା ଲାଗି ବ୍ୟାପକ ପ୍ରସ୍ତୁତି ଆରମ୍ଭ କରାଯାଇଛି। ପାଟଣା ଏନ୍‌ଡିଆର୍‌ଏଫ୍‌ର ଚିଫ୍ କମାଣ୍ଡାଣ୍ଟ ଦିଲୀପ କୁମାର ଗୁପ୍ତାଙ୍କ ନେତୃତ୍ୱରେ ଏକ ୩୫ଜଣିଆ ଟିମ୍ ଆନନ୍ଦପୁରରେ ପହଞ୍ଚିଛି। ଜିଲାପାଳ ଆଶିଷ କୁମାର ଠାକ୍‌ରେଙ୍କ ଦ୍ୱାରା ଆନନ୍ଦପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ଉପଖଣ୍ଡର ସମସ୍ତ ପ୍ରଶାସନିକ ଅଧିକାରୀ ଉପସ୍ଥିତ ରହି ପ୍ରସ୍ତୁତ ହେଉଥିବା ଜଣାପଡିଛି। ଜିଲାପାଳ ପ୍ରଭାବିତ ଅଞ୍ଚଳରେ ଥିବା ବିଦ୍ୟାଳୟଗୁଡିକ ଖୋଲା ରଖିବା ସହିତ ଲୋକଙ୍କୁ ଆଶ୍ରୟ ଦେବାର ବ୍ୟବସ୍ଥା ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବିଦ୍ୟୁତ୍ ବିଭ୍ରାଟ ସମୟରେ ଆଶ୍ରୟ ସ୍ଥଳରେ ଡିଜି ସେଟ୍‌ର ବ୍ୟବସ୍ଥା ଗ୍ରହଣ କରାଯାଇଛି। ବାତ୍ୟା ଆଶ୍ରୟସ୍ଥଳକୁ ଠିକ୍ ଭାବେ ପ୍ରସ୍ତୁତ ରଖିବା, କଚ୍ଚାଘରେ ଥିବା ଲୋକଙ୍କୁ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯିବାର ବ୍ୟବସ୍ଥା ଗ୍ରହଣ କରାଯାଇଥିବାବେଳେ ଲୋକମାନେ ଚାହିଁଲେ ଆଶ୍ରୟସ୍ଥଳରେ ରହିପାରିବେ ବୋଲି ଜିଲାପାଳ ସୂଚନା ଦେଇଥିଲେ। ୨୫୦ କୁଇଣ୍ଟାଲ ଶୁଖିଲା ଖାଦ୍ୟ, ଆବଶ୍ୟକ ଫାଷ୍ଟ ଏଡ୍‌ର ବ୍ୟବସ୍ଥା ଗ୍ରହଣ କରାଯାଇଥିବାବେଳେ ପ୍ରଭାବିତ ଲୋକଙ୍କୁ ଉଦ୍ଧାର ପାଇଁ ଏନ୍‌ଡିଆର୍‌ଏଫ୍ ଟିମ୍, ଅଗ୍ନିଶମ ବିଭାଗ, ବନ ବିଭାଗ କର୍ମଚାରୀ ସଜାଗ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ରାସ୍ତାଘାଟରେ ଗଛ ପଡିଲେ ୪ ଗୋଟି କଟରର ବ୍ୟବସ୍ଥା କରାଯିବା ସହ ଏନ୍‌ଡିଆର୍‌ଏଫ୍ ଟିମ୍, ଅଗ୍ନିଶମ ବିଭାଗ କର୍ମଚାରୀ, ବନ ବିଭାଗ କର୍ମଚାରୀଙ୍କୁ ନେଇ ୮ ଜଣିଆ ଟିମ୍ ଗଠନ କରାଯାଇଛି। ଏହି ପ୍ରସ୍ତୁତି ବୈଠକରେ ଜିଲା ତଥା ଉପଖଣ୍ଡର ବହୁ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।

# ବସ୍ ଓଲଟି ୧୩ ଆହତ

**ଯୋଡ଼ା/ଚମ୍ପୁଆ, ୨।୫(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡା ଥାନା ବିଲେଇପଦା ଫାଣ୍ଡି ଅନ୍ତର୍ଗତ ୫୨୦ନଂ ଜାତୀୟ ରାଜପଥର କଣ୍ଡରା ଛକ ଠାରେ ବୁଧବାର ସକାଳ ସାଢ଼େ ୭ଟାରେ ବଲାଣୀ- ବଡକରିଆ ଯାତ୍ରୀବାହୀ ବସ୍‌ଟି ଭାରସାମ୍ୟ ହରାଇ ଓଲଟି ପଡିବାରୁ ବସରେ ଥିବା ଜଣେ ଯାତ୍ରୀ ଗୁରୁତର ଥିବା ବେଳେ ଅନ୍ୟ ୧୨ ଜଣ ଯାତ୍ରୀ ଆହତ ହୋଇଥିଲେ। ଘଟଣାସ୍ଥଳରୁ ଜଣାପଡିଛି ଯେ, (ଓଆର ୦୯ ଏମ ୩୫୧୧)ନଂ ରଥଯାତ୍ରା ନାମକ ବସ୍ ବଲାଣିରୁ ବଡକରିଆ ଅଭିମୁଖେ ଯାଉଥିବା ବେଳେ ଉକ୍ତ ଛକ ନିକଟରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ବସ୍‌ରେ ଥିବା ବଡବିଲ ଅଞ୍ଚଳର ପ୍ରବୀଣ ଖାତୁନ୍ ନାମକ ଯାତ୍ରୀ ଗୁରୁତର ଆହତ ହୋଇଥଲେ। ଅନ୍ୟ ୧୨ଜଣ ଆହତଙ୍କୁ ନିକଟସ୍ଥ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ନିଆଯାଇଥିଲା। ଗୁରୁତର ଆହତ ହୋଇଥିବା ପ୍ରବୀଣ ଖାତୁନଙ୍କୁ ଚମ୍ପୁଆ ସରକାରୀ ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚି କ୍ରେନ୍ ଦ୍ୱାରା ଦୁର୍ଘଟଣାଗ୍ରସ୍ତ ବସ୍‌କୁ ହଟାଇଛି ଏବଂ ଏହାର ତଦନ୍ତ ଆରମ୍ଭ କରିଛି। ତେବେ ଏହି ରାଜପଥଟି ନିର୍ମାଣ ହେଉଥିବା ହେତୁ ଡାଇଭର୍ସନ ରୋଡ ଗୁଡିକୁ ଠିକ ଭାବେ ଠିକା ସଂସ୍ଥା ତିଆରି କରୁନଥିବାରୁ ଏହିପରି ଦୁର୍ଘଟଣା ଏକ ନିତିଦିନିଆ ଘଟଣାରେ ପରିଣତ ହେଲାଣି ବୋଲି ଦୁର୍ଘଟଣା ସ୍ଥଳରେ ଥିବା ଲୋକମାନେ ମତାମତ ଦେଇଛନ୍ତି।

# ହାତୀ ଉଜାଗରରେ ପାହୁଛି ରାତି

**ହାଟଡ଼ିହୀ, ୨।୫(ଡ଼ି.ଏନ.ଏ.)**

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ ହଦଗ ଠାରେ ବଣୁଆ ହାତୀଙ୍କ ଉପଦ୍ରବ ଦେଖିବାକୁ ମିଳିଛି। ସୋମବାର ଭୋର ୪ ସମୟରେ ହଦଗ ଗ୍ରାମର ଅଭୟ ରାଉତ କୌଣସି କାର୍ଯ୍ୟ ନିମନ୍ତେ ଘରୁ ବାହାରିଲାବେଳେ ପଞ୍ଚାୟତ ଅଫିସ ନିକଟରେ ଏକ ବଣୁଆ ହାତୀର ସାମ୍ନାସାମ୍ନି ହୋଇଥିଲେ। ସୌଭାଗ୍ୟବଶତଃ ସେ ଅଳ୍ପକେ ବର୍ତ୍ତିଗଲେ। ଏହିଭଳି ପ୍ରତିରାତିରେ ହଦଗ ପଞ୍ଚାୟତ, ଜବାହର ନବୋଦୟ ବିଦ୍ୟାଳୟ ଇତ୍ୟାଦି ସ୍ଥାନର ଚତୁଃପାର୍ଶ୍ୱରେ ବଣୁଆ ଦନ୍ତାହାତୀ ଚଳପ୍ରଚଳ କରୁଥିବାର ଦେଖିବାକୁ ମିଳୁଛି। ସ୍ଥାନୀୟ ଲୋକେ ରାତି ଅନିଦ୍ରା ହୋଇ ଘରେ ତାଟିକବାଟ କିଳି ରହୁଛନ୍ତି। ବେଳ ବୁଡିଲେ ହାତୀ ଭୟରେ ଲୋକଙ୍କ ଚଳପ୍ରଚଳ ବନ୍ଦ ହୋଇଯାଉଥିବାବେଳେ ବହୁ ପନିପରିବା ଓ ଘରଦ୍ୱାର ନଷ୍ଟ ହୋଇଯାଉଛି। ଏଥିପ୍ରତି ଜଙ୍ଗଲ ବିଭାଗ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ମତପ୍ରକାଶ କରିଛନ୍ତି। ହାତୀ ଉପଦ୍ରବ ଉପରେ ରୋକ ଲଗାଇବାପାଇଁ ସାଧାରଣରେ ଦାବି ହେଉଛି।

### ସାପ କାମୁଡାରେ ଜଣେ ମୃତ

**ଯୋଡ଼ା, ୨।୫(ଡି.ଏନ.ଏ.)**

କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ଧାତିକାଠାରେ ସାପ କାମୁଡାରେ ଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି। ଜଜାଙ୍ଗ ଗ୍ରାମର ରାଜେଶ ମୋଦି ତାଙ୍କ ଶ୍ୱଶୁର ଘର ଧାତିକାରେ ପରିବାରକୁ ନେଇ ରହୁଥିଲେ। ବୁଧବାର ବିଳମ୍ବିତ ରାତିରେ ଶୋଇଥିବା ସମୟରେ ସାପ କାମୁଡିବାରୁ ତାଙ୍କୁ ମୃତ ଅବସ୍ଥାରେ ସକାଳେ ପରିବାର ଲୋକେ ଦେଖି ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା (ନଂ ୦୩/୨୦୧୯) ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

# ଘାଟିରୁ ଖସିଲା ମିନି ଟ୍ରକ୍, ଚାଳକ ଗୁରୁତର

**କେନ୍ଦୁଝର, ୨।୫( ସ୍ୱ.ପ୍ର.)**

କେନ୍ଦୁଝର ଜିଲା ନରଣପୁର - ହରିଚନ୍ଦନପୁର ରାସ୍ତାର କୁଆଝରଣ ଘାଟିରେ ବୁଧବାର ରାତିରେ ଭାରସାମ୍ୟ ହରାଇ ଘାଟି ତଳକୁ ମିନି ଟ୍ରକ୍ ଖସିବା ଫଳରେ ଗାଡି ଚାଳକ ଗୁରୁତର ହୋଇଛନ୍ତି। କେନ୍ଦୁଝରରୁ ବୋଇତାଲୁ ବୋଝେଇକରି ଭୁବନେଶ୍ୱର ଅଭିମୁଖେ ଯାଉଥିବା ବେଳେ କୁଆଝରଣ ଘାଟି ଉପରେ ଭାରସାମ୍ୟ ହରାଇ ଘାଟି ତଳକୁ ଖସିପଡ଼ିଥିଲା। ଆହତ ଥିବା ଚାଳକ ଜଣଙ୍କ ମାନସ ରଞ୍ଜନ ବେହେରା ବୋଲି ଜଣାପଡ଼ିଛି। ପୋଲିସ ଓ ଦମକଳ ବହିନୀ ଘଟଣାସ୍ଥଳରେ ପହଞ୍ଚି ଚାଳକଙ୍କୁ ଉଦ୍ଧାରକରି ହରିଚନ୍ଦନପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।



ଦୁର୍ଘଟଣାଗ୍ରସ୍ତ ଟ୍ରକ୍।

# ବିଭିନ୍ନ ସ୍ଥାନରେ ବିଶ୍ୱ ଶ୍ରମିକ ଦିବସ ପାଳନ

**ଯୋଡ଼ା/କେନ୍ଦୁଝର, ୨।୫(ଡି.ଏନ.ଏ./ସ୍ୱ.ପ୍ର.)**

ଯୋଡା ଖଣି ମଣ୍ଡଳର ବିଭିନ୍ନ ସ୍ଥାନରେ ଶ୍ରମିକ ସଂଗଠନ ପକ୍ଷରୁ ଶ୍ରମିକ ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ଏଆଇଟିୟୁସି ସମର୍ଥିତ ଶ୍ରମିକ ସଂଗଠନ କେନ୍ଦୁଝର ମାଇନିଂ ଫରେଷ୍ଟ ଓ୍ୱାର୍କର୍ସ ୟୁନିୟନ ପକ୍ଷରୁ ଜୁରୁଡିସ୍ଥିତ ସଂଗଠନ କାର୍ଯ୍ୟାଳୟରେ ଲାଲ ଝଣ୍ଡା ଉତ୍ତୋଳନ କରି ହଜାର ହଜାର ଶ୍ରମିକ ଖଣି ଅଞ୍ଚଳର କାଳିମାଟିଠାରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ବିଭିନ୍ନ ଖଣି ପରିକ୍ରମା କରି ଯୋଡା ସହର ପରିକ୍ରମା କରିଥିଲେ। ଶହ ଶହ ଶ୍ରମିକଙ୍କ ହାତରେ ଲାଲ ଝଣ୍ଡା ସହରକୁ ଲାଲମୟ କରିଦେଇଥିଲା। ଜୁରୁଡିସ୍ଥିତ ହାଟ ପଡିଆଠାରେ ଏକ ବିରାଟ ଶ୍ରମିକ ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ଏଆଇଟିୟୁସିର ରାଜ୍ୟ ଡେପୁଟି ଜେନେରାଲ ସେକ୍ରେଟାରୀ ରାମକୃଷ୍ଣ ପଣ୍ଡା, ଜିଲା ସାଧାରଣ ସମ୍ପାଦକ ମହେଶ୍ୱର ରାଉତ ପ୍ରମୁଖ ଉପସ୍ଥିତ ରହି ଶ୍ରମିକ ମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅନୁଷ୍ଠିତ ଏହି ସଭାରେ ମଇ ଦିବସ ଅର୍ଥାତ ଶ୍ରମିକ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ କହିବା ସହିତ ମୋଦି ସରକାରଙ୍କୁ କଡା ସମାଲୋଚନା କରିଥିଲେ। ଅନ୍ୟ ଶ୍ରମିକ ନେତା ମାନଙ୍କ ମଧ୍ୟରେ ଶ୍ରମିକ ନେତା କାହ୍ନୁଚରଣ ସାମଲ, ରାଜାରାମ ମୁଣ୍ଡା, ବଇଦୁ ମହାନ୍ତ, ରେଘା ମାଝି, ଭୀମ ଲୋହାର, ବିଦ୍ୟାଧର ମହାନ୍ତ, ବାଗ୍ରା ଚାତାର, ଆଦିକନ୍ଦ ପାତ୍ର, ଅଖୀଳ ରାଉତ, ଜଗନ୍ନାଥ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସଙ୍ଗଠନ ପକ୍ଷରୁ ଜୁରୁଡି, କାଳିମାଟି, ଗଣୁଆ, ମହାପର୍ବତ, ବିଲେଇପଦା ପ୍ରଭୃତି ଅଞ୍ଚଳରୁ ସହସ୍ରାଧିକ ଶ୍ରମିକ ଏହି ସମାବେଶରେ ଯୋଗ ଦେଇଥିଲେ। କେନ୍ଦୁଝର ଜିଲାରେ ଏଆଇଟିୟୁସି ସହବନ୍ଧିତ ଖଣି ଶ୍ରମିକ ସଙ୍ଗଠନ ତରଫରୁ ବିଭିନ୍ନ ସ୍ଥାନରେ ସାଧାରଣ ସଭା, ଶୋଭାଯାତ୍ରା ଓ ବାଇକ୍ ରାଲି ଆଦି ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ନିକଟସ୍ଥ ଶୁଆକାଟୀଠାରେ ଓଡ଼ିଶା ଖଣି ନିଗମର ଶ୍ରମିକ ଓ କର୍ମଚାରୀମାନେ ହଜାର ହଜାର ସଂଖ୍ୟାରେ ୟୁନିୟନ ଅଫିସଠାରୁ ଏକ ବିରାଟ ରାଲିରେ ବାହାରି ଶୁଆକାଟୀ ବଜାର ପରିକ୍ରମା କରିଥିଲେ। ସ୍ଥାନୀୟ ଏମ୍‌ଏସ୍‌ପି ସ୍ପଞ୍ଜ କାରଖାନାରେ ୧୦୦ ତମ ଆନ୍ତର୍ଜାତିକ ଶ୍ରମିକ ଦିବସ ବୁଧବାର ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପଦ୍ମଶ୍ରୀ ଦୈତାରି ନାୟକ ଯୋଗଦେଇଥିଲେ। କାରଖାନାରେ କାର୍ଯ୍ୟରତ ଶ୍ରମିକ ପଦ୍ମନାଭ ନାଏକ, ସନ୍ତୋଷ କୁମାର ମହାନ୍ତ, ଜନାର୍ଦ୍ଦନା ମହାନ୍ତ, ଟୁନୀ ମୁଣ୍ଡା, ସୁନୀଲ ସିଂ, ଗୋବିନ୍ଦ ବାରିକଙ୍କୁ ସମ୍ମାନିତ କରାଯାଇଥିଲା। ପଦ୍ମଶ୍ରୀ ଦୈତାରି ନାୟକଙ୍କୁ କାରଖାନାର ଉପସଭାପତି ଦେବବ୍ରତ ସ୍ୱାଇଁ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବସନ୍ତ କୁମାର ସାହୁ, ସଞ୍ଜୟ କୁମାର ସାହୁ, ଶିବରାମ ସାହୁ ପ୍ରମୁଖ ଉଦ୍‌ବୋଧନ ଦେଇ ଦିବସ ପାଳନର ଆଭିମୁଖ୍ୟ ଉପରେ କହିଥିଲେ।




ରାଲିରେ ଏଆଇଟିୟୁସିର ଶ୍ରମିକମାନେ।